ଆଜି - ରବିବାର
ତାରିଖ - ୨୨ ମାର୍ଚ୍ଚ ୨୦୨୬
ମାସ - ମୀନ, ଦିନ - ୦୮
ତିଥି - ଚତୁର୍ଥୀ, ପକ୍ଷ-ଶୁକ୍ଳ
ନକ୍ଷତ୍ର - ଦ୍ୱିଜା, ମେଷ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୫୩: ୦୦
ସୂର୍ଯ୍ୟାସ୍ତ - ୫ : ୫୫ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ଏକ କ୍ଷୁଦ୍ର କାରଣରୁ ଏକ ବିଶାଳ ପରିଣାମର ଆବିର୍ଭାବ ଘଟେ, ଯେମିତି ବଟ ବୃକ୍ଷର କ୍ଷୁଦ୍ର ବୀଜରୁ ବିଶାଳ ବଟ ବୃକ୍ଷ ସୃଷ୍ଟି ହୁଏ । ସେମିତି କ୍ଷୁଦ୍ର ଘଟଣାଟଏ, କିନ୍ତୁ ବିରାଟ ଘଟଣା ଉତ୍ପନ୍ନ କରେ ।"
– ଗୌତମ ବୁଦ୍ଧ

E-News : www.theajikali.com

Vol.- 40 ISSUE- 337 R.N.I. REGD. No. 44026/86 ବାଲେଶ୍ୱର ୨୨ ମାର୍ଚ୍ଚ ୨୦୨୬ ରବିବାର BALASORE 22 MARCH 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦



ଫକୀରମୋହନ ଗୋଲେଇସ୍ଥିତ ସାଇଦୁର୍ଗା ମନ୍ଦିରରେ ନବରାତ୍ରର ତୃତୀୟ ଦିବସରେ ମା'ଙ୍କ 'ଚନ୍ଦ୍ରଘଂଟା' ବେଶ । ।

## ଇରାନ ରାଷ୍ଟ୍ରପତିଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ





ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଇରାନ୍ ରାଷ୍ଟ୍ରପତି ଡକ୍ଟର ମସୁଦ ପେଜେକସିୟାନଙ୍କ ସହ କଥା ହୋଇଛନ୍ତି । ଉଭୟଙ୍କ ମଧ୍ୟରେ କ୍ଷେତ୍ରୀୟ ଘଟଣାକ୍ରମ ଏବଂ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀ ଇଦ୍ ଏବଂ ନୌରୋଜର ପବିତ୍ର ଅବସରରେ ରାଷ୍ଟ୍ରପତି ଡକ୍ଟର ମସୁଦ ପେଜେଶକିୟନଙ୍କୁ ତାଙ୍କର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ । ଏହି ପାର୍ବଣ ଋତୁ ପଶ୍ଚିମ ଏସୀୟ କ୍ଷେତ୍ର ପାଇଁ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧିର ଏକ ସମୟ ଆଣିବ ବୋଲି ଆଲୋଚନା ସମୟରେ ଉଭୟ ନେତା ମିଳିତ ଭାବେ ଆଶା ପ୍ରକାଶ କରିଥିଲେ । ଶ୍ରୀ ମୋଦୀ ଏହି ଅଂଚଳର ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ଉପରେ ସମ୍ପ୍ରତି ହୋଇଥିବା ଆକ୍ରମଣକୁ ନିନ୍ଦା କରି କହିଛନ୍ତି ଯେ ଏପରି କାର୍ଯ୍ୟ ଆଂଚଳିକ ସ୍ଥିରତାକୁ ବିପଦରେ ପକାଇଛି । ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ଯୋଗାଣ ଶୃଙ୍ଖଳକୁ ବିପର୍ଯ୍ୟସ୍ତ କରୁଛି । ପ୍ରଧାନମନ୍ତ୍ରୀ ଜାହାଜ ଚଳାଚଳ ସ୍ୱାଧୀନତାକୁ ସୁରକ୍ଷା ଦେବା ଏବଂ ଅନ୍ତର୍ଜାତୀୟ ଜାହାଜ ଚଳାଚଳ ମାର୍ଗଗୁଡ଼ିକୁ ଖୋଲା ଓ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ବ୍ୟତୀତ, ଶ୍ରୀ ମୋଦୀ ଦେଶରେ ରହୁଥିବା ଭାରତୀୟ ନାଗରିକଙ୍କ ସୁରକ୍ଷା ଏବଂ ନିରାପତ୍ତା ସୁନିଶ୍ଚିତ କରିବାରେ ଇରାନର ନିରନ୍ତର ସମର୍ଥନ ପାଇଁ ତାଙ୍କର ଆନ୍ତରିକ କୃତଜ୍ଞତା ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀ ଏକ୍ସରେ ଲେଖିଛନ୍ତି:"ରାଷ୍ଟ୍ରପତି ଡକ୍ଟର ମସୁଦ ପେଜେଶକିୟନଙ୍କ ସହ କଥା ହେଲି ଏବଂ ଇଦ୍ ଓ ନୌରୋଜର ଶୁଭେଚ୍ଛା ଜଣାଇଲି । ଏହି ପାର୍ବଣ ଋତୁ ପଶ୍ଚିମ ଏସିଆରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ଆଣିବ ବୋଲି ଆମେ ଆଶା ପ୍ରକାଶ କରିଛୁ । ଆଂଚଳିକ ସ୍ଥିରତାକୁ ବିପଦରେ ପକାଉଥିବା ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳାକୁ ବାଧାପ୍ରାପ୍ତ କରୁଥିବା ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ଉପରେ ଆକ୍ରମଣକୁ ନିନ୍ଦା କଲି । ଜାହାଜ ଚଳାଚଳ କ୍ଷେତ୍ରରେ ସ୍ୱାଧୀନତାକୁ ସୁରକ୍ଷା ଦେବା ଏବଂ ଜାହାଜ ଚଳାଚଳ ମାର୍ଗଗୁଡ଼ିକୁ ଖୋଲା ଏବଂ ସୁରକ୍ଷିତ ରଖିବା ନିଶ୍ଚିତ କରିବାର ଗୁରୁତ୍ୱକୁ ଦୋହରାଇଲି । ଇରାନରେ ଭାରତୀୟ ନାଗରିକଙ୍କ ସୁରକ୍ଷା ଏବଂ ନିରାପତ୍ତା ପାଇଁ ଇରାନର ନିରନ୍ତର ସମର୍ଥନ ପାଇଁ କୃତଜ୍ଞତା ଜଣାଇଲି ।"

## ବିଶ୍ୱ ବନ ଦିବସ-୨୦୨୬ ପାଳିତ

### ଜଙ୍ଗଲ କେବଳ ପରିବେଶ ପାଇଁ ନୁହେଁ, ଆମ ରାଜ୍ୟ ତଥା ଦେଶର ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ପ୍ରକୃତିର ଅନନ୍ୟ ବରଦାନ ହେଉଛି ଆମର ସବୁଜ ବନାନୀ । ଏହା ଆମ ଜୀବନ ଓ ଜୀବିକାର ଆଧାର ଅଟେ ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବିଶ୍ୱ ବନ ଦିବସ-୨୦୨୬ ପାଳନ ଅବସରରେ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଂଟର ଠାରେ ଏହି ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସୁସ୍ଥ ପରିବେଶ ତଥା ମନୁଷ୍ୟ ଜୀବନରେ ବଣ ଜଙ୍ଗଲର ମହତ୍ୱ ବିଷୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆମେ ଏହି ବିଶ୍ୱ ବନ ଦିବସ ପାଳନ କରୁଛୁ । ଜଙ୍ଗଲ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ବିସ୍ତାର କରିବା ପାଇଁ ଆଜିର ଦିନଟି ଉତ୍ସର୍ଗୀକୃତ । ସେ ପୁଣି କହିଥିଲେ ଉତ୍ତମ ବନ ପରିଚାଳନା ପଦ୍ଧତି, ବ୍ୟାପକ ବୃକ୍ଷରୋପଣ ଓ ଜନସଚେତନତା ଜରିଆରେ ଆଜି ଓଡ଼ିଶା ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଦେଶର ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠା ଲାଭ କରିଛି । ଗତ ଦୁଇ ବର୍ଷ ମଧ୍ୟରେ କେବଳ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ଘଟିଛି । ବର୍ତ୍ତମାନ ରାଜ୍ୟର ସମୁଦାୟ ଭୂମି କ୍ଷେତ୍ରର ୩୭.୬୩ ପ୍ରତିଶତ ଅର୍ଥାତ ୫୮,୫୯୭ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣରେ ପରିପୂର୍ଣ୍ଣ । ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଐତିହାସିକ 'ଏକ ପେଡ୍ ମା' କେ ନାମ୍' ଅଭିଯାନରେ ରାଜ୍ୟରେ ଗୋଟିଏ ଦିନରେ ୧.୪୯ କୋଟି ଚାରାରୋପଣ ସହିତ ଏକ ବର୍ଷ ମଧ୍ୟରେ ୮ କୋଟିରୁ ଅଧିକ ଚାରାରୋପଣ କରାଯାଇଛି । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଆଜି ବିଜ୍ଞାନ ଓ ଟେକ୍‌ନୋଲୋଜିରେ ଅନେକ ଉନ୍ନତି ହୋଇଛି । କମ୍ ଜାଗା ବ୍ୟବହାର କରି, ପରିବେଶକୁ ଦୂଷିତ ନକରି ଶିଳ୍ପାୟନ କରିବା ଆଜି ସମ୍ଭବ ହୋଇପାରିଛି । ତେଣୁ, ଯଦି ଆମେ ପରିବେଶ ଓ ଶିଳ୍ପାୟନ ମଧ୍ୟରେ ଉପଯୁକ୍ତ ବାଲାନ୍ସ ରଖିପାରିବା ତେବେ ପରିବେଶ ଓ ଶିଳ୍ପାୟନ ପରସ୍ପର ଅନୁପୂରକ ବଦଳରେ ପରିପୂରକ ହୋଇପାରିବ ବୋଲି ସେ କହିଥିଲେ ।

## ହଲଦ୍ୱାନୀ ଗସ୍ତରେ ଯିବେ ପ୍ରତିରକ୍ଷା ମନ୍ତ୍ରୀ

ହଲଦ୍ୱାନୀ : ରକ୍ଷାମନ୍ତ୍ରୀ ରାଜନାଥ ସିଂହ ଶନିବାର ନୈନିତାଲ ଜିଲ୍ଲାର ଗସ୍ତରେ ରହିବେ । ଏହି ସମୟରେ ସେ ହଲଦ୍ୱାନୀରେ ଆୟୋଜିତ ଜନସଭାକୁ ସମ୍ବୋଧନ କରିବେ । ରାଜ୍ୟରେ ଧାମୀ ସରକାରଙ୍କ ଚାରି ବର୍ଷ ପୂର୍ଣ୍ଣ ହେବାର ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । କାର୍ଯ୍ୟକ୍ରମକୁ ନେଇ ବ୍ୟାପକ ପ୍ରସ୍ତୁତି ହୋଇଛି ଏବଂ କଠୋର ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଉତରାଖଣ୍ଡରେ ପୁଷ୍କର ସିଂହ ଧାମୀଙ୍କ ନେତୃତ୍ୱ ଥିବା ସରକାରଙ୍କ ଚାରି ବର୍ଷ ପୂର୍ଣ୍ଣ ହେବାର ଅବସରରେ ଶନିବାର ନୈନିତାଲ ଜିଲ୍ଲାର ଏମ୍‌ବି ଇଂଟର କଲେଜ, ହଲଦ୍ୱାନୀରେ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଏହି ଅବସରରେ ଆୟୋଜିତ ଜନସଭାକୁ ମୁଖ୍ୟ ଅତିଥି ଭାବେ ରକ୍ଷାମନ୍ତ୍ରୀ ରାଜନାଥ ସିଂହ ସମ୍ବୋଧନ କରିବେ ।

## ଅଳ୍ପରେ ଖବର

» ବିଜେଡିରୁ ୬ ଜଣ ବିଧାୟକ ନିଲମ୍ବିତ ହୋଇଛନ୍ତି । ନିଲମ୍ବିତ ହୋଇଥିବା ବିଧାୟକ ମାନେ ହେଲେ ଚକ୍ରମଣି କହଁର, ନବ କିଶୋର ମଲ୍ଲିକ, ସୌଭିକ୍ ବିଶ୍ୱାଳ, ସୁବାସିନୀ ଜେନା, ରମାକାନ୍ତ ଭୋଇ ଓ ଦେବୀରଞ୍ଜନ ତ୍ରିପାଠୀ ।

» ସକାଳୁଆ ହୋଇପାରେ ସ୍କୁଲ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି ।

» ବିଶ୍ୱ କବିତା ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ସମୃଦ୍ଧ ସାରସ୍ୱତ ପରମ୍ପରାରେ କବିତା ସର୍ବଦା ସମାଜର ପ୍ରାଣସ୍ପନ୍ଦନ ହୋଇରହିଛି ।

» ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଶନିବାର ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଥିଲେ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ଦୁଇ ନେତାଙ୍କ ସାକ୍ଷାତର ଏକ ଫଟୋ ସେୟାର କରିଛି । ମୁଖ୍ୟମନ୍ତ୍ରୀ, ଏକ୍ସ. ରେ ଏକ ପୋଷ୍ଟରେ କହିଛନ୍ତି ଯେ ସେ ଆଜି ପ୍ରଧାନମନ୍ତ୍ରୀଙ୍କଠାରୁ ମୂଲ୍ୟବାନ ମାର୍ଗଦର୍ଶନ ପାଇଛନ୍ତି ।

## ଅନୁଗୋଳ ଡେରଜାଙ୍ଗ ଡ୍ୟାମ୍‌ରେ 'ବୋଟିଂ ସୁବିଧା'ର ଶୁଭାରମ୍ଭ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଡେରଜାଙ୍ଗ / ଅନୁଗୋଳ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୋଳ ଜିଲ୍ଲା ବଁଅରପାଳ ସ୍ଥିତ ଡେରଜାଙ୍ଗ ଠାରେ ବହୁପ୍ରତୀକ୍ଷିତ 'ବୋଟିଂ ସୁବିଧା'ର ଶୁଭାରମ୍ଭ କରିଛନ୍ତି । ପ୍ରାୟ ୬ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଜିଲ୍ଲାର ପର୍ଯ୍ୟଟନ ଶିଳ୍ପକୁ ଏକ ନୂତନ ପରିଚୟ ଦେବା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଅନୁଗୋଳ ଜିଲ୍ଲା ପ୍ରାକୃତିକ ଓ



ସାଂସ୍କୃତିକ ବିଭବରେ ପରିପୂର୍ଣ୍ଣ । ସାତକୋଶିଆ ଅଭୟାରଣ୍ୟରୁ ଆରମ୍ଭ କରି ରେଙ୍ଗାଲି ଜଳଭଣ୍ଡାରର ସୌନ୍ଦର୍ଯ୍ୟ ଏବଂ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠ ପର୍ଯ୍ୟନ୍ତ, ଏହି ଅଂଚଳର ଏକ ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି । ମହାନଦୀ ଓ ବ୍ରାହ୍ମଣୀ ଭଳି ଦୁଇ ପବିତ୍ର ନଦୀର ପ୍ରବାହ ଏହି ମାଟିକୁ ଗୌରବାନ୍ୱିତ କରିଛି । ଡବଲ ଇଞ୍ଜିନ ସରକାରର ମିଳିତ ପ୍ରୟାସରେ ଏହି ସମ୍ଭାବନାକୁ ଉପଯୋଗ କରି ଅନୁଗୋଳକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ିତୋଳିବା ଆମର ମୁଖ୍ୟ ଲକ୍ଷ୍ୟ । ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ଯେ, ଡେରଜାଙ୍ଗ ପ୍ରକଳ୍ପ ପୂର୍ବରୁ କେବଳ ଜଳସେଚନ ଓ ପାନୀୟ ଜଳ ଯୋଗାଣରେ ସୀମିତ ଥିଲା, କିନ୍ତୁ ଏବେ ଏହା ଏକ ଅତ୍ୟାଧୁନିକ ପର୍ଯ୍ୟଟନ ସ୍ଥଳୀ ଭାବେ ଉଭା ହୋଇଛି । ଏଠାରେ ପର୍ଯ୍ୟଟକମାନେ ସ୍ପିଡ୍ ବୋଟ୍, ପେଡାଲ୍ ବୋଟ୍, ଜେଟ୍ ସ୍କି ଏବଂ ପେଡାଲ୍ ସ୍ୱାନ ବୋଟ୍‌ର ମଜା ନେଇପାରିବେ । ଏହି ସୁବିଧା ସ୍ଥାନୀୟ ଯୁବକମାନଙ୍କ ପାଇଁ ନୂତନ ରୋଜଗାରର ସୁଯୋଗ ସୃଷ୍ଟି କରିବ । ଏଥିସହ ଆଗାମୀ ଦିନରେ ଜଙ୍ଗଲ ବିଭାଗ ପକ୍ଷରୁ ଏଠାରେ ଏକ 'ଇକୋ ଲଜ୍' ନିର୍ମାଣ ପାଇଁ ଯୋଜନା ରହିଛି, ଯାହା ପର୍ଯ୍ୟଟକଙ୍କୁ ଏକ ସ୍ମରଣୀୟ ଅନୁଭୂତି ପ୍ରଦାନ କରିବ । ଏହି ସାଧୁ ଉଦ୍ୟମ ପାଇଁ ସେ ଜିଲ୍ଲା ପ୍ରଶାସନ, ଜଙ୍ଗଲ ବିଭାଗ ଓ ଜଳସେଚନ ବିଭାଗକୁ ସାଧୁବାଦ ଜଣାଇଛନ୍ତି । ଏହାପରେ କେନ୍ଦ୍ରମନ୍ତ୍ରୀ ବଡ଼କେରଜାଙ୍ଗ ମଣ୍ଡଳ ତରଫରୁ ଆୟୋଜିତ 'ନାଗରିକ ସମ୍ବର୍ଦ୍ଧନା ସଭା'ରେ ଯୋଗଦେଇଥିଲେ । ସେଠାରେ ଉପସ୍ଥିତ ଜନସାଧାରଣଙ୍କ ସ୍ନେହ ଓ ଶ୍ରଦ୍ଧା ପାଇଁ କୃତଜ୍ଞତା ଜଣାଇ ସେ କହିଥିଲେ ଯେ, ଆମ ସରକାରର ମୂଳ ମନ୍ତ୍ର ହେଉଛି ଗରିବ କଲ୍ୟାଣ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଠାରୁ ଆରମ୍ଭ କରି ସାମାଜିକ ସୁରକ୍ଷା ଭତା ପର୍ଯ୍ୟନ୍ତ, ପ୍ରତିଟି ସରକାରୀ ସୁବିଧା ଯେପରି ଯୋଗ୍ୟ ହିତାଧିକାରୀଙ୍କ ପାଖରେ ସ୍ୱଚ୍ଛତାର ସହ ପହଂଚିବ, ସେଥିପାଇଁ ଆମେ ପ୍ରତିବଦ୍ଧ । ଜଳସେଚନର ବିସ୍ତାର, ଉନ୍ନତ ଗମନାଗମନ ଏବଂ ପର୍ଯ୍ୟାବରଣର ସନ୍ତୁଳନ ରକ୍ଷା କରିବା ଆମର ସର୍ବୋଚ୍ଚ ପ୍ରାଥମିକତା ରହିବ ବୋଲି ସେ କହିଥିଲେ ।

## ଅହମ୍ମଦାବାଦରେ 'ଓଡ଼ିଶା ପର୍ବ ୨୦୨୬'କୁ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଶନିବାର ଅହମ୍ମଦାବାଦର ଗୁଜରାଟ ବିଶ୍ୱବିଦ୍ୟାଳୟ କନଭେନସନ ଏବଂ ପ୍ରଦର୍ଶନୀ କେନ୍ଦ୍ରଠାରେ ତିନି ଦିନିଆ 'ଓଡ଼ିଶା ପର୍ବ ୨୦୨୬'କୁ ଉଦଘାଟନ କରିଛନ୍ତି । ଏହି ଅବସରରେ ଗୁଜରାଟର ଉପମୁଖ୍ୟମନ୍ତ୍ରୀ ଶ୍ରୀ ହର୍ଷ



ରମେଶକୁମାର ସାଙ୍ଘଭି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମାର୍ଚ୍ଚ ୨୧ରୁ ୨୩ ପର୍ଯ୍ୟନ୍ତ ଆୟୋଜିତ ଏହି ମହୋତ୍ସବ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପର୍ଯ୍ୟଟନର ଏକ ବିରଳ ପ୍ରଦର୍ଶନୀ ଅଟେ । ଉପମୁଖ୍ୟମନ୍ତ୍ରୀ ପରିଡ଼ା ସଭାକୁ ସମ୍ବୋଧିତ କରି ଓଡ଼ିଶା ପର୍ବକୁ ଏକ ପ୍ରମୁଖ ସାଂସ୍କୃତିକ ପ୍ରସାର କାର୍ଯ୍ୟକ୍ରମ ଭାବେ ଅଭିହିତ କରିଥିଲେ । ସେ କହିଥିଲେ ଯେ, ଓଡ଼ିଶା ଏକ ଅନୁଭୂତିପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀ ଯେଉଁଠାରେ ଐତିହ୍ୟ, ଆଧ୍ୟାତ୍ମିକତା, ପ୍ରକୃତି, ଓଡ଼ିଆ ବ୍ୟଞ୍ଜନ ଏବଂ ଆଧୁନିକ ପର୍ଯ୍ୟଟନ ଭିତିଭୂମିର ଏକ ଅପୂର୍ବ ସମନ୍ୱୟ ରହିଛି । ଅନ୍ୟପଟେ, ଉପମୁଖ୍ୟମନ୍ତ୍ରୀ ସାଙ୍ଘଭୀ ପର୍ଯ୍ୟଟନ କ୍ଷେତ୍ରରେ ଆନ୍ତଃ-ରାଜ୍ୟ ସହଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡ଼ିଶାର ସାଂସ୍କୃତିକ ବିଭବକୁ ଗୁଜରାଟରେ ପ୍ରଦର୍ଶିତ କରିବା ପାଇଁ ହୋଇଥିବା ଏହି ପ୍ରୟାସକୁ ସେ ପ୍ରଶଂସା କରିବା ସହ ଏହା ଦୁଇ ରାଜ୍ୟ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି କହିଥିଲେ । ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ପରମ୍ପରା, ହସ୍ତଶିଳ୍ପ, ହସ୍ତତନ୍ତ, ସୁଆଦିଆ ବ୍ୟଞ୍ଜନ ଏବଂ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ପ୍ରଦର୍ଶିତ କରାଯାଉଛି । ଏହି ପର୍ବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓର୍ମାସ (ଡଜଗଇଛ) ଏବଂ ମିଶନ ଶକ୍ତି ବିଭାଗର ସହଯୋଗରେ ଆୟୋଜିତ ହେଉଛି । ଏହି ଉଦଘାଟନୀ ସମାରୋହରେ ଅହମ୍ମଦାବାଦ ମ୍ୟୁନିସିପାଲ କମିଶନର ବାଞ୍ଛାନିଧି ପାଣି, ପର୍ଯ୍ୟଟନ ବିଭାଗର ଶାସନ ସଚିବ ବଳବନ୍ତ ସିଂ ଏବଂ ପର୍ଯ୍ୟଟନ ବଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ୭ ଦିନ ଯାଏଁ ବର୍ଷା ସମ୍ଭାବନା
## ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି



ପାଣିପାଗ ବିଭାଗ ପୂର୍ବାନୁମାନ କରିଛି କି ଆଗାମୀ ୭ ଦିନ ଯାଏ ଓଡ଼ିଶାରେ ବର୍ଷା ଜାରି ରହିବ । ବର୍ଷା ସାଙ୍ଗକୁ ବିଜୁଳି ଘଡଘଡି ସହ ବଜ୍ରପାତ ହେବା ନେଇ ମଧ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଆନ୍ଧ୍ର ଉପକୂଳ ଓ ପାଶ୍ୱର୍ବର୍ତୀ ଅଂଚଳରେ ସୃଷ୍ଟି ଘୂର୍ଣ୍ଣିବଳୟ ପ୍ରଭାବରେ ଓଡ଼ିଶରେ ଏହାର ପ୍ରଭାବ ପଡ଼ିବ । ଆଜି ମଧ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଝଡ଼ବର୍ଷା ସମ୍ଭାବନା ରହିଛି । କିଛିଦିନ ପୂର୍ବରୁ ମୟୁରଭଞ୍ଜ ଜିଲ୍ଲାର କରଞ୍ଜିଆଠାରେ ଘୂର୍ଣ୍ଣିଝଡ଼ ଦେଖିବାକୁ ମିଳିଥିଲା । ଏହି ଘୂର୍ଣ୍ଣିବଳୟର ତାଣ୍ଡବରେ ଅନେକ ଧନଜୀବନ ମଧ ନଷ୍ଟ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ଉତର, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ୧୦ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୧୫ ଜିଲ୍ଲାକୁ ପାଣିପାଗ ବିଭାଗ ଦେଇଛି ୟେଲୋ ସତର୍କତା । ସେସବୁ ଜିଲ୍ଲାର କିଛି ସ୍ଥାନରେ କୁଆପଥର ବର୍ଷା ସହ ଘଂଟାପ୍ରତି ୩୦-୪୦ ଓ ଆଉ କିଛି ସ୍ଥାନରେ ୪୦-୫୦ କିଲୋମିଟର ବେଗରେ ପବନ ବହିପାରେ । ଆଜି ପାଇଁ ମୟୁରଭଞ୍ଜ, ବାଲେଶ୍ୱର ଜିଲ୍ଲାକୁ ଅରେଞ୍ଜ ଏବଂ କେନ୍ଦୁଝର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

## ସଚିବସ୍ତରୀୟ ବୈଠକରେ ଅଧ୍ୟକ୍ଷତା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର : ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଶନିବାର ସଚିବ ସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛିଷ ବୈଠକରେବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରି ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବୈଠକର ପ୍ରାରମ୍ଭରେ ମୁଖ୍ୟ ଶାସନ ସଚିବ ନିକଟରେ ବିଭିନ୍ନ ସ୍ଥାନରେ ଘଟିଥିବା ଅଗ୍ନି ଦୁର୍ଘଟଣା ପ୍ରସଙ୍ଗରେ ଆଲୋଚନା କରି ସମସ୍ତ ସରକାରୀ ବିଭାଗୀୟ କୋଠାରେ ବିଦ୍ୟୁତ୍ ଓୟାରିଂ ତନଖି କରାଯିବା, ବୈଦ୍ୟୁତିକ ଉପକରଣ ନିୟମିତ ଯାଂଚ କରିବା, ଆବଶ୍ୟକ ଉନ୍ନତିକରଣ କାର୍ଯ୍ୟ ସହ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ବୈଠକରେ ଅର୍ଥ ବିଭାଗ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଅଦ୍ୟାବଧି ହୋଇଥିବା ଆର୍ଥିକ ସ୍ଥିତି ଉପସ୍ଥାପନ କରାଯାଇଥିଲା । ଏହି ଆର୍ଥିକ ବର୍ଷରେ ବଜେଟ



ଅନୁମୋଦନ ଅନୁସାରେ ଅଦ୍ୟାବଧି ବିଭିନ୍ନ ବିଭାଗ ଦ୍ୱାରା ହୋଇଥିବା ଖର୍ଚ୍ଚ ଓ ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟପୂରଣ ସଂପର୍କିତ ଆଲୋଚନା କରାଯାଇଥିଲା । କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ସମବାୟ ଓ ଶକ୍ତି ବିଭାଗ ସମେତ ସାମାଜିକ କ୍ଷେତ୍ର ସଂପର୍କିତ ବିଭିନ୍ନ ବିଭାଗରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ଖର୍ଚ୍ଚ ହାର ଗତ ବର୍ଷ ଏହି ସମୟ ତୁଳନାରେ ଅଧିକ ବୃଦ୍ଧି ଘଟିଛି । ବୈଠକରେ ବିଭିନ୍ନ କ୍ଷେତ୍ରରୁ ଅଦ୍ୟାବଧି ରାଜସ୍ୱ ଆଦାୟ ଲକ୍ଷ୍ୟ ପ୍ରାୟ ୭୮.୭୭ ପ୍ରତିଶତ ହୋଇଥିବା ଜଣାଯାଇଛି । ଚଳିତ ମାସ ଶେଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟ ଅଗ୍ରଗତି ସହ ଓ ଖର୍ଚ୍ଚ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ଭିତିଭୂମି ବିକାଶ କ୍ଷେତ୍ର ସଂପର୍କିତ ଅନ୍ୟ ବିଭାଗ ସମେତ ଅନ୍ୟ ବିଭାଗମାନଙ୍କରେ ଅଦ୍ୟାବଧି ଖର୍ଚ୍ଚ ସ୍ଥିତି ଉପସ୍ଥାପନ କରାଯାଇଥିଲା । 'ଆମେ ଜାଣିବା ଆମ ବଜେଟ' କାର୍ଯ୍ୟକ୍ରମରେ ୨୦୨୬-୨୭ବଜେଟସମ୍ପର୍କରେ ବିଭିନ୍ନ ସ୍ତରରେ ଜନସାଧାରଣଙ୍କୁ ସୂଚନାପ୍ରଦାନ କରିବାକୁ ଆଲୋଚନା ହୋଇଛିଷ ରାଜ୍ୟ ବଜେଟ୍ ଏବଂ କେନ୍ଦ୍ର ସରକାରଙ୍କ ଓଡ଼ିଶା ସମ୍ପର୍କିତ ବିକାଶମୂଳକ ଏବଂ ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକ ସଂପର୍କରେ ରାଜ୍ୟ ମୁଖ୍ୟାଳୟଠାରୁ ଆରମ୍ଭ କରି ଜିଲ୍ଲା, ପୌରାଂଚଳ, ବ୍ଲକ ଓ ଗ୍ରାମ ସଭା ସ୍ତରରେ "ବଜେଟ୍ ସଭା" ଆୟୋଜନ କରାଯାଇ ଜନସାଧାରଣଙ୍କୁ ସୂଚନା ଦେବାକୁ ପଦକ୍ଷେପ ନିଆଯିବ । ଏହା ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଦକ୍ଷ ଓ ସ୍ୱଚ୍ଛତାର ସହ କାର୍ଯ୍ୟାନ୍ୱୟନ ହୋଇପାରିବ ବୋଲି ଏ ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ବିଭିନ୍ନ ବିଭାଗରେ ଖାଲିଥିବା ପଦବୀ ପୂରଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ସଂପର୍କରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ।





# ବାଲେଶ୍ୱରରେ ଇଦ୍ ପର୍ବ ପାଳିତ









ବାଲେଶ୍ୱର,(ନି.ପ୍ର.): ଆଜିଥିଲା ପବିତ୍ର ଇଦ୍ ମିଲନ୍ । ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ୧ମାସ ଧରି ରୋଜା ରଖିବା ପରେ ଆଜି ରୋଜା ଭାଙ୍ଗିଥିଲେ ଓ ଇଦ୍ ପର୍ବ ନିରାଡ଼ମ୍ବର ଭାବେ ପ୍ରଶାସନ ଗାଇଡଲାଇନକୁ ମାନିବା ସହ ପାଳନ କରିଛନ୍ତି । ବାଲେଶ୍ୱର ଟାଉନଥାନା ଅଧିନରେ ମହମ୍ମଦପୁର, ପୁଲବଜାର, ଚୌକବଜାର, ପରମିଟଘାଟ, ଦରଘାମଇଦାନ, ବଣିଆମନ୍ଦିର, ନୁରପୁରରୋଡ଼, ସ୍କୁଲବଜାର, ଗଳାପୋଖରୀ, ଖଲାସୀମହଲା, ମଛୁଆସାହି, କାଦରାବାଦ, ଆକତପୁର, ବଙ୍କାଖଜୁର, ମାନସିଂବଜାର, ଖପରାପଦା, ଗଡ଼ଗଡ଼ିଆ, ସୁଏଲପୁର, ଅନ୍ନପୂର୍ଣ୍ଣାଗଳି, ମତିଗଂଜ, ମାଣିଖମ୍ବ, ପାତ୍ରପଡ଼ା, ସୁନହଟ,



ଭୂଜାଖିଆପୀର, ମଧୁଆମିଲଛକ, ବଡ଼ଖୁଆ, ଅଡ଼ରବଜାର, ଗଳାପୋଲ ଇତ୍ୟାଦି ଅଂଚଳରେ ମସ୍ଜିଦ ଗୁଡ଼ିକ ଓ ବସ୍ତି ଗୁଡ଼ିକ ସାଜସଜା କରାଯାଇଥିଲା ବେଳେ ପୂର୍ବବର୍ଷ ପରି ଏବର୍ଷ ଉତ୍ସବ, ସଭାସମିତି, ଇଫତାରପାର୍ଟି ହୋଇପାରି ନଥିଲା । ଏମିତିକି ରୋଜା ରଖିଥିବା ବ୍ୟକ୍ତିମାନେ ଆଜିର ପବିତ୍ର ଦିବସରେ ଦିନ ଦରିଦ୍ର ଗରୀବମାନଙ୍କୁ ଦାନଧର୍ମ କରିଥିଲେ । ସେହିପରି ରେମୁଣାର ଗନୀପୁର, ନିଆଁବାଗ, ରାଇନଗର, ବଗଲପୁର, ଜଗନ୍ନାଥପୁର, ହରିପୁର, ତାରାପୁର, ସାହାଜିପାଟଣା, ସୋରର ପଠାଣମହଲା, ଛତ୍ରପୁର, ଇଟୁଆ, କାଜିମହଲା, ବେଲପୁର, ଓଡ଼ଙ୍ଗବଜାର, କାନ୍ଥିଗଡ଼ିଆ, ସଦରର ଜଙ୍ଗରାଇ, କ□ାବଣିଆ, ଚଷାଖଣ୍ଡ, ଫୁଲାଡ଼ି, ନୂଆପୁର, ଅସ୍ଥିଆ, ପରିକ୍ଷୀ, ପାଟଣା, ତାଳବରେଇ, ଦୋଷିପୁର, ଚାନ୍ଦିପୁରର ବଳରାମଗଡ଼ି, ଝାମ୍ପୁରା, ସୋନପୁର, ମିର୍ଜାପୁର, ଶିଜ୍ଞା□ଳର ସୋମନାଥପୁର, ପଠାଣମହଲା, ସମଲପୁର, ମୀରମହୁଆ, ଖପରାପଦା, ବସ୍ତାର ବିଦ୍ୟାଧରପୁର, ମଙ୍ଗଳପୁର, ବାହାର୍ଦ୍ଦା, ତେଘରୀ, ରାମଚନ୍ଦ୍ରପୁର, ଦାଣ୍ଡି, ସିଙ୍ଗାରପୁର, ଦରଡ଼ା, ଦୁବଲାଗଡ଼ି, ବଗଦା, ସିଂଲାର ଦେଭୋଗ, ମସଡ଼ା, ଗୋପୀନାଥପୁର, କାଦରାୟାଁ, ଲଙ୍ଗଳେଶ୍ୱର, ପାଉଁଶକୁଲି, ଗଂଜା, ଗମ୍ଭାରିଆ, ନୂଆଅସ୍ତି, ସାନଅସ୍ତି, ସାହାଦା, ବାଲିଆପାଳର ବାଲିଆପାଳ, ଏକଡ଼ା, ଏକଡ଼ାପାଳ, ଖଗଡ଼ାପାଳ, ମନ୍ଦାରପୁର, କଟୁଆପଦା, ରୂପ୍ସାର ଲକ୍ଷ୍ମଣଖୁ□ା, କଇଁଥଗଡ଼ିଆ, ବଡ଼ପଦା,



ଦରଘାପିଲା, ଜଳେଶ୍ୱରର ନାମ୍ପୋ, ଜଳେଶ୍ୱର, ପଶ୍ଚିମବାଡ଼, ଶାସନବାର୍ଡ଼, ଝାଡ଼େଶ୍ୱରପୁର, ପଥରପୁରା, ରାଜପୁର, ବିଦ୍ୟାଧରପୁର, ସିମୁଳିଆର ବେଲପୁର, ଝିଙ୍କିରିଆ, ବାରି, ଅଡ଼ା, ରଘୁନାଥପୁର, ବରଡ଼ା, ବେଗୁନିଆ, ଖଇରାର ଡଗରପଡ଼ା, ମୁସ୍ତଫାବାଦ, ତୁଡ଼ିଗଡ଼ିଆ, ରଘୁନାଥପୁର, କ୍ଷୀରପଦା, ଭୋଗରାଇର ଗାଜିପୁର, ମୁଣ୍ଡାବଣିଆ, ଉ□ରଗତି, ଚନ୍ଦନେଶ୍ୱର, କଖଡ଼ା, ପାଣିଷଣ୍ଢା, ଶୁଖଷଣ୍ଢାପାଟଣା, ରାଣୀଗୁଡ଼ା, ପିଠାପୁର, ଦକ୍ଷିଣବସ୍ତି ପ୍ରମୁଖ ଅଂଚଳରେ ଥିବା ମସଜିଦ ଓ ବସ୍ତି ଗୁଡ଼ିକରେ ନିରାଡ଼ମ୍ବର ଭାବେ ଇଦ୍ ମିଲନ୍ ଅନୁଷ୍ଠିତ ହୋଇଯାଇଛି । ସୂଚନାଯୋଗ୍ୟଯେ ଏସପି ରାଜପ୍ରସାଦ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଜ୍ୟୋତି ଦାସ, ଟାଉନଥାନା ଅଧିକାରୀ ବିଜୟ ଦାସ, ଅର୍ଚିତା ମିତଲ, ଗାୟତ୍ରୀ ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଁଚି ଅନୁଧ୍ୟାନ କରିଥିଲେ । ଏହାଛଡ଼ା ସହରର ଆଦର୍ଶ ଥାନା ସହଦେବଖୁଂଟା ଥାନା ଅଧିକାରୀ ତଥା ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ବିଭିନ୍ନ ସମ୍ବେଦନଶୀଳ ଅଂଚଳ ଗୁଡ଼ିକ ପରିଦର୍ଶନ କରିଥିଲେ । ଏହି ଅବସରରେ ୪ ସେକ୍ସନ ପୋଲିସ ଫୋର୍ସ ସହରରେ ମୁତୟନ କରାଯାଇଥିଲା । ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ବାଲେଶ୍ୱରର ଆରକ୍ଷୀ ଅଧିକ୍ଷକ, ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରିଛନ୍ତି । ସେଥିମଧ୍ୟରୁ ବାଲେଶ୍ୱର ସଦର ମହକୁମା ପାଇଁ ୬ ପ୍ଲାଟୁନ ଏବଂ ସୋର ପାଇଁ ୪ପ୍ଲାଟୁନ । ତା'ଛଡ଼ା ଉଭୟ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିୱାକର ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ଇଦ୍ ପରିପ୍ରେକ୍ଷୀରେ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିଥିଲେ । ଏହାଛଡ଼ା ଆଜି ସଦର ବିଧାୟକ ମାନସ ଦତ, ପୌରାଧ୍ୟକ୍ଷ ସବିତା ସାହୁ, ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା, ସମାଜସେବୀ ସୁବାସିନୀ ଜେନା ଏବଂ ରେମୁଣା ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ବିଭିନ୍ନ ମସଜିଦ୍ ଓ ସାହି ବସ୍ତିକୁ ଯାଇ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନଙ୍କୁ ଇଦ୍ମିଲନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ।

# ସାମୂହିକ ନମାଜ ପରେ ପରସ୍ପରକୁ ଜଣାଇଲେ ଇଦ୍ ମୁବାରକ୍

ବାଲେଶ୍ୱର(ନି.ପ୍ର.) ପବିତ୍ର ରମଜାନ ମାସ ଶେଷ ହେବା ପରେ ଇସଲାମ ଧର୍ମାବଲମ୍ବୀମାନେ ପାଳନ କରିଛନ୍ତି ଖୁସି ଓ ଭାଇଚାରାର ଉତ୍ସବ ଇଦ-ଉଲ ଫିତର । ଶୁକ୍ରବାର ଚନ୍ଦ୍ର ଦୃଶ୍ୟମାନ ହେବା ପରେ ଧର୍ମଗୁରୁମାନଙ୍କ ନିଷ୍ପତି କ୍ରମେ ଶନିବାର ଦିନ ପାଳିତ ହୋଇଛି ଏହି ପର୍ବ । ପରସ୍ପର ଭିତରେ ବନ୍ଧୁତ୍ୱଭାବ ବଜାୟ ରଖିବା ଉଦ୍ଦେଶ୍ୟରେ ମୁସଲମାନ ଭାଇ ଭଉଣୀମାନେ ପାଳନ କରିଛନ୍ତି ଇଦ୍ । ଏନେଇ ଚଳଚଂଚଳ ହୋଇ ଉଠିଥିଲା ବାଲେଶ୍ୱର ସହର ସମେତ ଜିଲ୍ଲାର ସମସ୍ତ ମସଜିଦ୍ । ସହରର ଦରଘା ମୈଦାନ, ଖଡିପାହି , ଝାମ୍ପୁରା ହାଟ ଅଂଚଳର ବିଭିନ୍ନ ମସର୍ଜିଦ୍ ?ମାନଙ୍କରେ ମୁସଲମାନ ଧର୍ମାବଲମ୍ବୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ସକାଳୁ ସକାଳୁ ନୂଆ ଲୁଗା ପିନ୍ଧି ମୁସଲମାନ ଭାଇମାନେ ବିଭିନ୍ନ ମସଜିଦରେ ସାମୂହିକ ନମାଜପାଠ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ନମାଜ ପାଠ ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ଶୁଭେଚ୍ଛା ଜଣାଇଥିଲେ । ସ୍ଥାନୀୟ ଦରଘା ମୈଦାନରେ ସକାଳୁ ମୁସଲମାନ ଭାଇମାନେ ସମୂହ ନମାଜ ପାଠ କରିବା ସହିତ ପରସ୍ପରକୁ ଜଣାଇଥିଲେ ଇଦ୍ ମୁବାରକ । ଦୀର୍ଘଦିନର ଭେଦ ଭାବକୁ ଭୁଲି ଗୋଟିଏ ମାସର ଉପବାସ ପରେ ରୋଜା ଖୋଲିଥିବା ବେଳେ ପରମ୍ପରା ଅନୁଯାୟୀ ମୁସଲମାନ ଭାଇମାନେ ସାଧ ମତେ ଅନ୍ୟକୁ ଦାନ କରିଥାନ୍ତି । ପବିତ୍ର ରମଜାନ ମାସରେ ଦାନ କଲେ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଥିବା ସେ କହିଛନ୍ତି । ଇଦ୍ ମିଲନ କମିଟିର କର୍ମକର୍ତାମାନେ ଦରଘା ମାଇଦାନଠାରେ ନମାଜ ପାଠ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଇଦ ଉତ୍ସବ ପାଳନ ପାଇଁ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୋଲିସ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଜିଲ୍ଲା ପୋଲିସର ବରିଷ୍ଠ ଅଧିକାରୀମାନେ ସହରର ବିଭିନ୍ନ



ଖ୍ୱାଜାବାଗ, ବାଲୁବଜାର, ପଠାନ୍ ମହଲା, ସୁନହଟ, ଖଲାସୀ ମହଲା, କାଦ୍ରି ମହଲା, ମଛୁଆସାହି, କସବା ମହଲା, ମାଣିଖମ୍ବ, ସୁଏଲପୁର, ମୋତିଗଞ୍ଜ, କଚେରିବଜାର, ଖପରାପଦା, ଅରଡ଼ବଜାର ସମେତ ସହର ଉପକଣ୍ଠ ବାଲିଆ, କଂଟାବଣିଆ, ସୋମନାଥପୁର, ଚଷାଖଣ୍ଡ, ଯାଇ ଇଦ୍ ଅବସରରେ ସମସ୍ତେ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ । ପରେ ରସୁଲ କଦମ୍ ଠାରେ ସମସ୍ତେ ନିଜ ନିଜର ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥିଲେ । ଦରଘା ମୈଦାନରେ ଅନୁଷ୍ଠିତ ସାମୁହିକ ନମାଜ ପାଠକୁ ସେଖ୍ ଆସିକୁର ରହେମାନ୍ କାଦ୍ରି ପରିଚାଳନା କରୁଥିଲେ । ସ୍ଥାନରେ ଉପସ୍ଥିତ ରହି ପରିସ୍ଥିତି ଅନୁଧ୍ୟାନ ସହ ସମସ୍ତ ମୁସଲମାନ ଧର୍ମାମ୍ବଲମ୍ବୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଇଦ୍ ପର୍ବକୁ ପାଳନ କରିବା ସହିତ ଭାଇଚାରା ବଜାୟ ରଖିବାକୁ ସେମାନେ ସମସ୍ତଙ୍କୁ ଆହ୍ୱାନ ଦେବା ସହିତ ଶାନ୍ତି ଶୃଙ୍ଖଳା ନିମନ୍ତେ ହୋଇଥିବା ବ୍ୟବସ୍ଥା ତଦାରଖ କରିଥିଲେ ।

# ବାଲିଆ ଶିଶୁ ମନ୍ଦିରରେ କଣ୍ଢେଇ ଦିବସ ପାଳନ







ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ସହରର ଉପକଣ୍ଠ ବାଲିଆ ଶିଶୁ ମନ୍ଦିରରେ ୪ର୍ଥ ବର୍ଷ ପାଇଁ କଣ୍ଢେଇ ଦିବସ ପାଳନ କରାଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିଳ୍ପୀ କେଶୁ ଦାସ ଯୋଗ ଦେଇ କଣ୍ଢେଇର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କହିଥିଲେ ଯେ କଣ୍ଢେଇ କେବଳ ଖେଳନା ନୁହେଁ, ଏହା କୋମଳମତି ପିଲା ମାନଙ୍କର ସୃଜନଶୀଳ ଓ ବୋ?ଦିକ ଜ୍ଞାନର ବିକାଶ ଘଟାଏ । ତାଛଡା ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଉପରେ ମଧ୍ୟ ପ୍ରଭାବ ପକାଏ । ଅନ୍ୟତମ ଅତିଥି ଭାବେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ମହାନ୍ତି , ଉପସଭାପତି ବିଜୟ କୁମାର ମହାନ୍ତି, ସମ୍ପାଦକ ସନ୍ତୋଷ କୁମାର ନାୟକ ଯୋଗଦେଇ କଣ୍ଢେଇର ଉପକାରିତା ଉପରେ ମତବ୍ୟକ୍ତ କରିଥିଲେ । ପରଶି ଗୁରୁମା ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ବାବାଜୀ କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂଗୀତ ଗୁରୁ ବ୍ରଜେଶ ପଦ ପଣ୍ଡାଙ୍କ ତତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିବା ସହ କଣ୍ଢେଇ ଆଧାରିତ ସୁନ୍ଦର ସୁନ୍ଦର ସଂଗୀତ ପରିବେଷଣ କରିଥିଲେ । ବଳବାଟିକା ଛାତ୍ରଛାତ୍ରୀ ଦ୍ୱାରା ପ୍ରଦତ ବିଭିନ୍ନ ପ୍ରକାରର କଣ୍ଢେଇକୁ ନେଇ ସୁନ୍ଦର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା । ପ୍ରକାଶ ଥାଉ ଭାରତୀୟ କଣ୍ଢେଇକୁ ଆଗେଇ ନେଇ ଭାରତର କଣ୍ଢେଇ ବଜାରକୁ ସୃଦୃଢ କରିବା ପାଇଁ କେନ୍ଦ୍ର ସରକାର ଦ୍ୱାରା ୨୦୨୦ ମସିହାରେ ଜାତୀୟ କଣ୍ଢେଇ ନୀତି ପ୍ରଣୟନ କରି ଜଣମାନସରେ ଭାରତୀୟ କଣ୍ଢେଇ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ୨୦୨୩ ରୁ ବିଦ୍ୟାଳୟ ମାନଙ୍କରେ କଣ୍ଢେଇ ଦିବସ ପାଳନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଟାଇକୋଣ୍ଡୋ (ମହିଳା) ପ୍ରତିଯୋଗିତା ୨୦୨୫-୨୬ ର ଭବ୍ୟ ସମାପନ





ବାଲେଶ୍ୱର(ନି.ପ୍ର.) ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଟାଇକୋଣ୍ଡୋ (ମହିଳା) ପ୍ରତିଯୋଗିତା ୨୦୨୫-୨୬ ଉତ୍ସାହପୂର୍ଣ୍ଣ ଭାବେ ସମାପ୍ତ ହୋଇଛି । ଏହି ଅବସରରେ ଆୟୋଜିତ ଅନୁଷ୍ଠିତ ସମାପନୀ ଓ ପୁରସ୍କାର ବିତରଣ ଉତ୍ସବ ସଫଳତାର ସହ ସମ୍ପନ୍ନ ହୋଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କ୍ରୀଡା କ୍ଷେତ୍ରରେ ଜାତୀୟ ସ୍ତରର ସଫଳତାର ଏକ ଗୌରବମୟ ଇତିହାସ ସୃଷ୍ଟି କରିପାରିଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଲୋକସଭା ସଦସ୍ୟ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ପ୍ରେରଣାଦାୟକ ଉଦବୋଧନ ପ୍ରଦାନ କରିଥିଲେ । ସେ ମହିଳା ମାନଙ୍କର ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ଓ ସଫଳତାକୁ ଉଲ୍ଲେଖ କରି ଛାତ୍ରଛାତ୍ରୀଙ୍କୁ ସଶକ୍ତିକରଣ ଓ ଶକ୍ତିଶାଳୀ ଭବିଷ୍ୟତ ଗଢ଼ିବାର ଆହ୍ୱାନ କରିଥିଲେ । ନାରୀ ନେତୃତ୍ୱ, ଶାରୀରିକ ସାମର୍ଥ୍ୟ ଓ ବିକଶିତ ଭାରତର ଦୃଷ୍ଟିକୋଣକୁ ଉପସ୍ଥାପନ କରିବା ସହ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରୁ ପ୍ରେରଣା ନେଇ ସେ କ୍ରୀଡ଼ାଳୁମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା, ଉତ୍କର୍ଷ ପାଇଁ ପ୍ରୟାସ କରିବା ଓ ସହଯୋଗୀ ମନୋଭାବ ସହ ଜୀବନର ମୂଲ୍ୟବୋଧକୁ ଅନୁଭବ ତଥା ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ । ସେ ଏହା ମଧ୍ୟ କହିଥିଲେ ଯେ ଏପରି ଆୟୋଜନ ଜୀବନ ଦୃଷ୍ଟିକୋଣକୁ ସୁଦୃଢ଼ କରିଥାଏ ଓ ଶକ୍ତି ସହ ଉନ୍ନତିର ପଥକୁ ପ୍ରଶସ୍ତ କରେ । ଏହି କାର୍ଯ୍ୟକ୍ରମରେ ସ୍ନାତକୋତର ପରିଷଦର କାର୍ଯ୍ୟଭାରପ୍ରାପ୍ତ ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଅଧିକୃତ ପର୍ଯ୍ୟବେକ୍ଷକ ଡ଼କ୍ଟର ଦୀପକ ସି.ଏସ୍ ? (ବେଙ୍ଗାଲୁରୁ), କୁଳସଚିବ ଶ୍ରୀମତୀ କୁକୁମୀନା ଦାସ ଓ କ୍ରୀଡା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାର ସଫଳ ଆୟୋଜନ କ୍ରୀଡା ପରିଷଦର ଉପନିର୍ଦ୍ଦେଶକ ଡ଼କ୍ଟର ଅମିତ ଶର୍ମା ଓ ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ସଂଗ୍ରାମ ବିଶୋଇଙ୍କ ନିର୍ଦ୍ଦେଶନା ଓ ଅକ୍ଳାନ୍ତ ପ୍ରୟାସରେ ସମ୍ଭବ ହୋଇଥିଲା । ଦେଶର ୨୫ଟି ରାଜ୍ୟର ୧୭୯ଟି ବିଶ୍ୱବିଦ୍ୟାଳୟରୁ କ୍ରୀଡ଼ାଳୁମାନେ ଏହି ପ୍ରତିଯୋଗିତାରେ ଉତ୍ସାହପୂର୍ଣ୍ଣ ଭାବେ ଯୋଗଦେଇ ନିଜ ଦକ୍ଷତା, ସଂକଳ୍ପ ଓ କ୍ରୀଡାସ୍ପୃହା ପ୍ରଦର୍ଶନ କରିଥିଲେ । ସମୁଦାୟ ଫଳାଫଳରେ ହରିୟାନା ରୋହତକ ର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ଚ୍ୟାମ୍ପିଅନ୍ ହୋଇଥିବାବେଳେ ସୁରତ (ଗୁଜରାଟ) ର ବୀର ନର୍ମଦ ଦକ୍ଷିଣ ଗୁଜରାଟ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଓ ଅମୃତସର ର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା । ପୁରସ୍କାର ବିତରଣ ଉତ୍ସବରେ ବିଜେତାମାନଙ୍କୁ ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଆୟୋଜନ ଗର୍ବ ଓ ସଫଳତାର ବାର୍ତା ସହ ସମାପ୍ତ ହୋଇ, ଯୁବବର୍ଗଙ୍କ ମଧ୍ୟରେ କ୍ରୀଡା, ଶକ୍ତି ଓ ଉତ୍କର୍ଷର ସଂସ୍କୃତିକୁ ପ୍ରୋତ୍ସାହନ ଦେବାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରୟାସ ଓ ପ୍ରତିବଦ୍ଧତାକୁ ସୁବିଦିତ କରିଛି ।

# ବାଲେଶ୍ୱର ଜିଲ୍ଲା ବିଜେପିର ନବନିଯୁକ୍ତ ଯୁବ ସଭାପତିଙ୍କୁ ଭବ୍ୟ ସ୍ୱାଗତ

ବାଲେଶ୍ୱର(ନି.ପ୍ର.) ଶୁକ୍ରବାର ଅପରାହ୍ନ ୪ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ଯୁବ ମୋର୍ଚ୍ଚା ତରଫରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ନବନିଯୁକ୍ତ ଜିଲ୍ଲା ବିଜେପି ଯୁବ ସଭାପତି ନାରାୟଣ ମହନ୍ତ (ମୁନା) ଙ୍କୁ ସ୍ୱାଗତ ନିମନ୍ତେ ଆୟୋଜିତ ଏହି ରାଲିରେ ଜିଲ୍ଲା ସଭାପତି ଶ୍ରୀ ଈଶ୍ୱର ଚନ୍ଦ୍ର ବେହେରା, ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ଶଶିକାନ୍ତ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦଙ୍କୁ



ବାଲେଶ୍ୱର ଆଇ.ଟି.ଆଇ. ଛକ ନିକଟରେ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଥିଲା । ଏହା ପରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ପୋଲିସ ଲାଇନ ଛକ, ଷ୍ଟେସନ ଛକ, ଫକୀରମୋହନ ଗୋଲେଇ, ବସ ଷ୍ଟାଣ୍ଡ, ରେମୁଣା ଗୋଲେଇ ହୋଇ ରେମୁଣା ହାତିଆଗଣ୍ଡ ଛକ ପର୍ଯ୍ୟନ୍ତ ଯାଇଥିଲା । ଏହି ଭବ୍ୟ ରାଲିକୁ ରେମୁଣା ଗୋଲେଇ ନିକଟରେ ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତାଙ୍କ ତରଫରୁ ଫୁଲ ବର୍ଷା ଏବଂ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା । ଏହି ବାଇକ୍ ଶୋଭାଯାତ୍ରାରେ ବାଲେଶ୍ୱର କୋଣ ଅନୁକୋଣରୁ ଶହ ଶହ ଯୁବ କାର୍ଯ୍ୟକର୍ତା ଯୁଗ ଦେଇ ନୂତନ ସଭାପତିଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ ।

# ଚାନ୍ଦମଣିଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାଲେଶ୍ୱର(ନି.ପ୍ର.) ଖନ୍ତାପଡ଼ା ଥାନା ଅନ୍ତର୍ଗତ ନାଚିନ୍ଦା ବାସୁବ୍ରହ୍ମପୁର ଗ୍ରାମର ଅସହାୟ ଗରୀବ ବିଧବା ମହିଳା ଚାନ୍ଦମଣି ଜାଲି(୬୦) ଯିଏକି ୨ଜଣ ଝିଅପିଲାଙ୍କ ସମେତ ପରିବାର ଏକ ପଲିଥିନ ଝୁପୁରି ଘରକରି ବସବାସ କରୁଥିଲେ ହେଁ ଅଦ୍ୟାବଧି ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ମିଳୁନାହିଁ । ଓଡ଼ିଶାମୁଖ୍ୟମନ୍ତ୍ରୀଙ୍କୁ ୧୫୩/ ୧.୮.୨୫ ତାରିଖରେ ଦରଖାସ୍ତ ଦେଇଥିଲେ ହେଁ ଉକ୍ତ ଦରଖାସ୍ତକୁ ବିଚାର କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଥିଲେ ହେଁ ଅଦ୍ୟାବଧି ଜିଲ୍ଲା ପ୍ରଶାସନ ତାଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରିଥିବା ଯୋଗୁଁ ସେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଖୋଲା ଆକାଶ ତଳେ ପଡ଼ିରହିଛନ୍ତି । ଏହିପରିପ୍ରେକ୍ଷୀରେ ପୁନଃ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି ।

# ବାସଗୃହ ଉପରେ ଟିପିଏନଓଡିଏଲର ୧୧କେଭି ତାର ପାଇଁ ଅଭିଯୋଗ

ବାଲେଶ୍ୱର(ନି.ପ୍ର.) ସୋର ଥାନା ଅନ୍ତର୍ଗତ କମାଣପୁର ଗ୍ରାମର ନରହରି ଜେନାଙ୍କ ସହଧର୍ମିଣୀ ବାସନ୍ତୀ ଜେନା ଜିଲ୍ଲାପାଳଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି କି, ତାଙ୍କର ପ୍ରଧାନମନ୍ତ୍ରୀ ବାସଗୃହ ନିର୍ମାଣ ଚାଲୁଥିବା ବେଳେ ଟିପିଏନଓଡିଏଲର ୧୧କେଭି ତାର ତାଙ୍କ ବାସଗୃହ ଉପରେ ଯାଇଥିବା ଏବଂ ଏହାକୁ ହଟାଇବା ନିମନ୍ତେ ସେ ସୋର ଏସଡିଓଙ୍କୁ ବାରମ୍ବାର ଅବଗତ କରାଇଥିଲେ ହେଁ ସୋର ଏସଡିଓ ବିଭିନ୍ନ ଆଳ ଦେଖାଇ ଏହାକୁ ଉଚ୍ଛେଦ କରୁନାହାଁନ୍ତି । ଯାହାଫଳରେ ପରିବାରର ୯/୧୦ଜଣ ଛୋଟ ଛୋଟ ଶିଶୁଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତିମାନେ କେଉଁ ମୁହୂର୍ତରେ ଉକ୍ତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ ତାହା କହିବା ବାହୁଲ୍ୟ ।



# ପିଏମଶ୍ରୀ ନାରାୟଣ ହାଇସ୍କୁଲ ଛାତ୍ର ଛାତ୍ରୀଙ୍କ ଶିକ୍ଷା ଭିତିକ ପରିଦର୍ଶନ



ନୟାଗଡ଼(ନିପ୍ର): ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରାଯିବା ସହିତ ବିଭିନ୍ନ ସ୍ଥାନକୁ ଯାଇ ପ୍ରତ୍ୟକ୍ଷ ଶିକ୍ଷା ଗ୍ରହଣ କରିବା ପାଇଁ ବ୍ୟବସ୍ଥା କରିଥିବା ବେଳେ ପିଏମଶ୍ରୀ ନାରାୟଣ ଉଚ୍ଚ ବିଦ୍ୟାଳୟ ଶରଣକୁଳର ଛାତ୍ରଛାତ୍ରୀ ମାନେ ଶୁକ୍ରବାର ଏହି ଶିକ୍ଷାଭିତିକ ପରିଭ୍ରମଣ କରିଛନ୍ତି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ମିଶ୍ରଙ୍କ ତତ୍ୱାବଧାନରେ ଷଷ୍ଠ ରୁ ଦଶମ ଶ୍ରେଣୀ ମଧ୍ୟରେ ପଢୁଥିବା ତିନି ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉତ୍କଳୀୟ କଳା, ସାହିତ୍ୟ, ସଂସ୍କୃତି, ଐତିହାସିକ ସ୍ମିତି ଓ ପରମ୍ପରାର ସ୍ୱର୍ଣ୍ଣ ସ୍ୱାକ୍ଷର ବହନ କରିଥିବା ଭୁବନେଶ୍ୱର ସ୍ଥିତ ରାଜ୍ୟ ସଂଗ୍ରହାଳୟ, ସାଇନ୍ସ ପାର୍କ ଓ ନନ୍ଦନକାନନ ଆଦି ସ୍ଥାନ ଗୁଡିକୁ ପରିଭ୍ରମଣ କରି ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିଥିଲେ । ଜନାର୍ଦ୍ଦନ ପରିଡା, ପ୍ରଜ୍ଞା ପାରମିତା ସାହୁ, ପ୍ରଶାନ୍ତ କୁମାର ଦାଶ, ସଚ୍ଚିଦାନନ୍ଦ ପାତ୍ର, ଦୀପକ କୁମାର ନାୟକ, ବିକାଶ କୁମାର ନାୟକ ରଶ୍ମିତା ବେହେରା, ରୋଜାଲିନ ମିଶ୍ର, ଚିତରଞ୍ଜନ ଦାଶ, ମମତା ମିଶ୍ର, ଶୁଭସ୍ମିତା ସାହୁ, ଦାମୋଦର ସାହୁ, ଜୟଦେବ ସାହୁ, ଚନ୍ଦନ ମଲ୍ଲିକ, ଗୌରାଙ୍ଗ ସାହୁ, ଆଲୋକ କୁମାର ମଲ୍ଲିକ, ସୃଷ୍ଟି ସୃଜନୀ ମହାପାତ୍ର, ପ୍ରତିଭା ମଞ୍ଜରୀ ସ୍ୱାଇଁ, ରଞ୍ଜନ କୁମାର ପୃଷ୍ଟି ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଭ୍ରମଣ ସମୟରେ ଉପସ୍ଥିତ ରହି ପିଲାଙ୍କ ପ୍ରତ୍ୟକ୍ଷ ଜ୍ଞାନ ଆହରଣରେ ସହଯୋଗ କରିଥିଲେ । ଛାତ୍ର ଛାତ୍ରୀ ମାନେ ଆନନ୍ଦର ସହିତ ଏସବୁ ସ୍ଥାନ ଗୁଡିକ ପରିଭ୍ରମଣ କରିଥିଲେ ।

# ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ ଶୀର୍ଷକ ଜିଲ୍ଲାସ୍ତରୀୟ କର୍ମଶାଳା

କଟକ(ନିପ୍ର): ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ସରଳ ବ୍ୟବହାର କରି ଜିଲ୍ଲାର ଜନସାଧାରଣଙ୍କୁ କିପରି ଉନ୍ନତମାନର ସେବା ଯୋଗାଇ ଦିଆଯିବ ସେ ନେଇ ଏକ ଦିନିକିଆ ଦକ୍ଷତା ବିକାଶ କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହ ପରିସରରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଶ୍ରୀ ଶିନ୍ଦେ କହିଥିଲେ ଯେ “ଆଜିର ଆଧୁନିକ ଯୁଗରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ବଢ଼ି ବଢ଼ି ଚାଲିଛି । ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବହୁ ଆବଶ୍ୟକତା ରହିଛି । ପ୍ରତ୍ୟେକ ବିଭାଗ ଏହି ଏଆଇ କୁ ନିଜ କାର୍ଯ୍ୟଧାରାରେ ପ୍ରୟୋଗ କରି କାର୍ଯ୍ୟ ସମ୍ପାଦନ କରିବା ସହ କାର୍ଯ୍ୟକ୍ଷମତା ମଧ ବୃଦ୍ଧି କରିପାରିବେ ମାତ୍ର ଏହାକୁ ପ୍ରୟୋଗ କରିବା ବେଳେ ସତର୍କତା ଅବଲମ୍ବନ କରିବା ଜରୁରୀ । ଓକାକ୍ ସୌଜନ୍ୟରୁ ଓକେସିଏଲ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଆକାଶ ବେହେରା ଓ ଦେବାଶିଷ ରେଡ୍ଡୀ ତାଲିମ ଦାତା ଭାବେ ଯୋଗଦେଇ ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ସରଳ ବ୍ୟବହାର ପାଇଁ ବିଭିନ୍ନ ଉପକରଣ (ଟୁଲ୍) ଗୁଡିକ ସମ୍ପର୍କରେ ବିଶଦ ଭାବରେ ଉପସ୍ଥାପନ କରିଥିଲେ । ପ୍ରଶାସନକୁ ଅଧିକ କାର୍ଯ୍ୟକ୍ଷମ, ପାରଦର୍ଶୀ ଓ ଲୋକାଭିମୁଖୀ କରିବାରେ ଏଆଇ ଏକ ମୁଖ୍ୟ ମାଧ୍ୟମ ହୋଇପାରିବ, ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ପ୍ରଶାସନିକ କ୍ଷେତ୍ରରେ ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତାର କିପରି ବିଭିନ୍ନ ଭୂମିକାରେ ବ୍ୟବହାର କରିବାକୁ ଉଦ୍ୟମୀ ହେବେ ସେଥିପାଇଁ ଏହି କର୍ମଶାଳାର ଆୟୋଜନ ହୋଇଥିଲା । ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କମଳଜିତ୍ ଦାସ, ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, କଟକସଦର ଉପଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲା ଇ-ଗଭରର୍ନାନ୍ସ ମ୍ୟାନେଜର କିଶୋର କୁମାର ଆଚାରୀ ଜିଲ୍ଲା କାର୍ଯ୍ୟାଳୟ ତରଫରୁ ଏହି କର୍ମଶାଳାରେ ବୈଷୟିକ ସହାୟତା କରିଥିଲେ ।

# ସାଇ ନର୍ସିଂ ହୋମ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଶିବିର




ବାରିପଦା(ନିପ୍ର): ବାରିପଦା ସହରର ଅଗ୍ରଣୀ ଘରୋଇ ଚିକିତ୍ସାଳୟ ସାଇ ନର୍ସିଂ ହୋମ ପକ୍ଷରୁ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଜାତୀୟ ସେବା ଯୋଜନା ପକ୍ଷରୁ ବିଦ୍ୟାଳୟର ଅଧକ୍ଷ ରାଜେଶ କୁମାର ଷଡ଼ଙ୍ଗୀଙ୍କ ପୌରହିତ୍ୟରେ ଦିନିକିଆ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହେଇ ଯାଇଛି । ଏହି ଶିବିରରେ ସାଇ ନର୍ସିଂ ହୋମର ଦୁଇଜଣ ଡାକ୍ତର ଦୀପିକା ଆଚାର୍ଯ୍ୟ ଓ ଡାକ୍ତର ଐଶ୍ୱର୍ଯ୍ୟରାଜ ପତି ୭ ଜଣିଆ ଡାକ୍ତରୀ ଟିମର ସହାୟତାରେ ସ୍ୱେଚ୍ଛାସେବୀ ତଥା ମହାବିଦ୍ୟାଳୟର ଅନୁନ୍ୟ ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଡକ୍ଟର ପତି ସ୍ୱାସ୍ଥ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ସକାରାତ୍ମକ ଏବଂ ନକାରାତ୍ମକ ଦିଗଗୁଡ଼ିକ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ବାରିପଦାର ସାଇ ନର୍ସିଂ ହୋମ ପର୍ଯ୍ୟରୁ ବର୍ଷ ବର୍ଷ ଧରି ଅନେକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଆଗାମୀ ଦିନରେ ଜିଲ୍ଲାର ପ୍ରତ୍ୟେକ କୋଣ ଅନୁକୋଣରେ ଏଭଳି ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର କରାଯିବା ସହ ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଜନସାଧାରଣ ଲୋକେ କିଭଳି ସମ୍ପୂର୍ଣ୍ଣ ମାଗଣାରେ ସେବା ପାଇ ପାରିବେ ସେ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଡା. ପତି ପ୍ରକାଶ କରିଛନ୍ତି । ପ୍ରୋଗ୍ରାମ ଅଫିସର ଅଧାପକ ଡ଼ା. ସୁବ୍ରତ କୁମାର ପାତ୍ର, ଡ଼ା. ସ୍ମିତା ଦାଶ, ଡ଼ା. ଅଞ୍ଜଳି ପଣ୍ଡା, ଡ଼ା. ସଂଯୁକ୍ତାରାଣୀ ସୁର ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ଜିନ୍ଦଲ ଷ୍ଟିଲ ପକ୍ଷରୁ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ ପାଳିତ

ଅନୁଗୁଳ(ନିପ୍ର): ଜିନ୍ଦଲ ଷ୍ଟିଲର ଅଧକ୍ଷା ଏମିରେଟସ୍ ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ ବେଶ ଉତ୍ସାହର ସହ ପାଳନ କରାଯାଇଛି । ଜନ୍ମଦିନ ଉତ୍ସବ ପାଳନ ଅବସରରେ ବିଭିନ୍ନ ମାନବକଲ୍ୟାଣଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲର କର୍ମଚାରୀମାନେ ଉପସ୍ଥିତ ରହି ଅନୁଗୁଳ ଜିଲ୍ଲାର ବିଭିନ୍ନ ବୃଦ୍ଧାଶ୍ରମ ଓ ଅନାଥାଶ୍ରମରେ ଅନ୍ତେବାସୀଙ୍କ ସହିତ ସମୟ ବିତାଇବା ସହ ଏକାଠି ଭୋଜନ କରିଥିଲେ । ଏହା ସହିତ ବୃଦ୍ଧବୃଦ୍ଧା ଏବଂ ପିଲାମାନଙ୍କୁ ସ୍ନେହ ବାଂଟିବା ସହ ଯଥାସମ୍ଭବ ସହାୟତା ମଧ ପ୍ରଦାନ କରିଥିଲେ । ଜନ୍ମଦିନ ପାଳନ ଅବସରରେ ଅନୁଗୁଳ ପ୍ରକଳ୍ପ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇସ୍ପାତ ଜୋନ୍)



ଦାମୋଦର ମତଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସଏମଏସ୍ ଏବଂ ମିଲ୍ସ) ହୃଦୟେଶ୍ୱର ଝା ଏବଂ ସଭାପତି (ମାନବ ସମ୍ବଳ) ଦିଲୀପ ସିହ୍ନାଙ୍କ ସମେତ ବିଭାଗୀୟ ମୁଖ୍ୟ, କର୍ମଚାରୀ, ସମସ୍ତ କର୍ମବୀର ଏବଂ ସଂପ୍ରଦାୟ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସମସ୍ତେ ସାବିତ୍ରୀ ଜିନ୍ଦଲଙ୍କ ଉତମ ସ୍ୱାସ୍ଥ୍ୟ ଓ ସୁସ୍ଥତା ପାଇଁ ମଙ୍ଗଳକାମନା କରିଥିଲେ । ଜିନ୍ଦଲ ନଗରରେ ଅବସ୍ଥିତ ଦେବଭୂମି ମନ୍ଦିର ଓ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ପୂଜାପାଠ ଓ ପ୍ରାର୍ଥନାର ଆୟୋଜନ କରାଯାଇଥିଲା । ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସାବିତ୍ରୀ ଜିନ୍ଦଲ ଜୀଙ୍କ ନିରନ୍ତର ସ୍ୱାସ୍ଥ୍ୟ, ଖୁସି ଏବଂ ସମୃଦ୍ଧି ପାଇଁ ଆଶୀର୍ବାଦ ଭିକ୍ଷା କରାଯାଇଥିଲା । କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବୀରଭୂମି (ଶ୍ରମିକ ବିହାର) ଆଦି ଜିନ୍ଦଲ ଷ୍ଟିଲର ବିଭିନ୍ନ କାର୍ଯ୍ୟସ୍ଥଳୀରେ ଜନ୍ମଦିନ ଉତ୍ସବ ପାଳନ କରାଯାଇଥିଲା । ଏହି ଅବସରରେ ମିଳିତ ପ୍ରୀତିଭୋଜନର ଆୟୋଜନ କରାଯାଇଥିଲା । ଯାହା ଏକାତା ଓ କୃତଜ୍ଞତାର ଭାବନାକୁ ପ୍ରତିଫଳିତ କରିଥିଲା । ଅନେକ ଲୋକଙ୍କ ଜୀବନରେ ପରିବର୍ତନ ଆଣିପାରିଥିବା ସାବିତ୍ରୀ ଜିନ୍ଦଲଙ୍କ ଐତିହ୍ୟକୁ ସମ୍ମାନ ଜଣାଇ ଦିନଟିକୁ ସେବା ପାଇଁ ଉତ୍ସର୍ଗ କରାଯାଇଥିଲା । କରୁଣା ଓ ସମସ୍ତଙ୍କୁ ନେଇ ଆଗକୁ ବଢ଼ିବାର ଯେଉଁ ମୁଲ୍ୟବୋଧରେ ଜିନ୍ଦଲ ଷ୍ଟିଲ ବିଶ୍ୱାସ ରଖେ, ତାହା ପୁଣି ଥରେ ପ୍ରତିଫଳିତ ହୋଇଥିଲା । ସାବିତ୍ରୀ ଜିନ୍ଦଲ ସାଧାରଣ ଲୋକଙ୍କ ସେବା ପାଇଁ ସାର୍ବଜନୀନ ଜୀବନରେ ଉଲ୍ଲେଖନୀୟ ଅବଦାନ ଦେଇ ଆସୁଛନ୍ତି । ସେ ହରିୟାଣା ସରକାରରେ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ ଏବଂ ବର୍ତମାନ ହିସାରରୁ ସ୍ୱାଧୀନ ବିଧାୟକ ଭାବରେ ପ୍ରତିନିଧିତ୍ୱ କରୁଛନ୍ତି । ସାର୍ବଜନୀନ ସେବା ଏବଂ ପରୋପକାର କାର୍ଯ୍ୟରେ ତାଙ୍କର ନିରନ୍ତର ଯୋଗଦାନ ମାଧ୍ୟମରେ, ସେ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଅବହେଳିତ ସମ୍ପ୍ରଦାୟର ଉନ୍ନତି ଉପରେ କେନ୍ଦ୍ରିତ ପଦକ୍ଷେପଗୁଡ଼ିକୁ ସମର୍ଥନ କରିଆସୁଛନ୍ତି ।

# ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକୋତ୍ସବ



ଖଇରା(ନିପ୍ର): ଅନେକ ପିଲା ରାତିଦିନ ପଢି ପଢି ଅଧିକ ମାର୍କ ରଖିବା ବା ଭଲ ଚାକିରିଟିଏ ହାସଲ କରି ଜିବନର ଲକ୍ଷ ପୁରଣ ହୋଇଗଲା ବୋଲି ଭାବନ୍ତି । କେବଳ ଏତିକି ହାସଲ କଲେ ଜିବନର ପରିସମାପ୍ତି ହୁଏ ନାହିଁ । ବରଂ ପରର ସେବା, ଜ୍ଞାନ ବିତରଣ ମାଧ୍ୟମରେ ପ୍ରକୃତ ଜିବନକୁ ଚରିତାର୍ଥ କରାଯାଇଥାଏ ବୋଲି ଖଇରା ବ୍ଲକ ଅଧୀନ ତୁଡିଗଡିଆ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ୭୭ତମ ବାର୍ଷିକୋତ୍ସବରେ ଯୋଗ ଦେଇଥିବା ବକ୍ତାମାନେ ଆଲୋକପାତ କରିଛନ୍ତି । ଶୁକ୍ରବାର ଦିନ ଆୟୋଜିତ ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ରଘୁନାଥ ଦାସ ପୌରହିତ୍ୟ କରିଥିଲେ । ସୋର ୟୁଏନ କଲେଜର ଦର୍ଶନ ଶାସ୍ତ୍ର ବିଭାଗ ପ୍ରାଧ୍ୟାପକ ଦୟାନିଧି ସିଟ ମୁଖ୍ୟଅତିଥି, ଯାଜପୁର ନୁଆହାଟ କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ ଡ ହରିନାରାୟଣ ସାହୁ ମୁଖ୍ୟବକ୍ତା, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷା ଜୟଶ୍ରୀ ବୋଷ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧାକାନ୍ତ ପଣ୍ଡା, ରଟିଣା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପାତ୍ର, ଜଳଦା ଡାଲଙ୍ଗ ହାଇସ୍କୁଲର ପ୍ରଧାନଶିକ୍ଷକ ଗଗନ ଚନ୍ଦ୍ର ଧର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । କୁନି ଛାତ୍ରୀ ଉଦିତି ଦାସ ନୃତ୍ୟ ପରିବେଶଣ, ପ୍ରଥମ ଦ୍ୱିତୀୟ ବର୍ଷର ଗୁରୁଛାତ୍ରଛାତ୍ରୀ ସ୍ୱାଗତ ସଂଗୀତ, ବବିତରଣୀ ସାହୁ ଧନ୍ୟବାଦ ଅର୍ପଣ, ବୁରୁଲି ସୋରେନ ବିବରଣୀ ପାଠ କରିଥିଲେ । ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନାଟକ ଏମିତି କାହାଣି ଭୁଲି ହେବନି ମଂଚସ୍ଥ କରାଯିବା ସହ ନୃତ୍ୟଗୀତ ପରିବେଷଣ କରାଯାଇଥିଲା ।

# ପୋଲ ଟିଏ ନଥିବାରୁ ବଡ଼ମୂଲା ଗାଁର ଲୋକେ ହନ୍ତସନ୍ତ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ବଡମୁଲା ଗାଁ କୁ ତିନି ପଟୁ ଅର୍ଯୁନୀ ନଦୀ ଘେରିଛି ଖଡିଆଳ ଆସିବାକୁ ହେଲେ ବୁଲାଣିଆ ରାସ୍ତାଦେଇ ପାଖାପାଖି ୧୮ କିଲୋମିଟର ପଡ଼ି ଯାଉଛି ସିଧା ରାସ୍ତା ରେ ଗଲେ ୭ କିଲୋମିଟର ଭିତରେ ଖଡିଆଳ ପହଂଚିଯିବେ ବିରିପଲି ପଟୁ ନଦୀରେ ପୋଲ ନିର୍ମାଣ ହୋଇଛି ହେଲେ ବାଟରେ ଥିବା ଛୋଟିଆ ନାଲା ବାଧକ ସଜୁଜି । ଏହି ଅଂଚଳ ନୂଆପଡ଼ା ଜିଲ୍ଲା ଓ ବଲାଙ୍ଗୀର ଜିଲ୍ଲା ସୀମାନ୍ତ ଅଂଚଳ ଥିବାରୁ ଆଜି ଯାଏ ଛୋଟିଆ ପୋଲ ଟିଏ ନିର୍ମାଣ ହେଇ ପରୁ ନାହିଁ । ପ୍ରଶାସନ କୁ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ କେହି ନଜର ଦେଉ ନାହାନ୍ତି । ଏହି



ରାସ୍ତା ଦେଇ ସ୍କୁଲ ଛାତ୍ର ଛାତ୍ରୀ, ସମେତ ରୋଗୀ ଙ୍କୁ ଯାତାୟାତ ରେ ବହୁ ଅସୁବିଧା ହେଉଥିବାର ଦେଖିବାକୁ ମିଳେ । ମୋଟର ସାଇକଲ କୁ ପାଣିରେ ନେବା କୁ ପଡେ ତ ସାଇକଲ କୁ ବୋହି କି ନେବା ରେ ବହୁତ୍ କଷ୍ଟ ସହିବାକୁ ପଡୁଛି ଗ୍ରାମ ବାସୀ ଙ୍କୁ । ବିରିପାଲି ନଦୀ ବ୍ରିଜ ଠାରୁ ଭଲ ରାସ୍ତା ଟିଏ ଓ ବାଟରେ ଥିବା ନାଲା ପାଇଁ ଛୋଟିଆ ପୋଲ ଟିଏ ନିର୍ମାଣ ହେଲେ ଗ୍ରାମ ବାସୀ ଉପକୃତ ହେବୁ ବୋଲି ସମୂହ ଗ୍ରାମ ବାସୀ ଅଭିଯୋଗ କରିଛନ୍ତି ।

# ବିଶ୍ୱ କବିତା ଦିବସରେ ବସନ୍ତ କବିତା ଆସର

ବୈଶିଙ୍ଗା(ନିପ୍ର): ବେତନଟୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ‘ମୟୁର ସାହିତ୍ୟ ସଂସଦ’ ତରଫରୁ ବସନ୍ତ କବିତା ଆସର ଅନୁଷ୍ଠିତ ହୋଇ ଯାଇଛି । ବିଶ୍ୱକବିତା ଦିବସ ପାଳନ ଅବସରରେ ସଂସଦର କା:ସଭାପତି ଆଇନ୍‌ଜୀବୀ ସଚିଦାନନ୍ଦ ମହାନ୍ତିଙ୍କ ସଭାପତିତ୍ୱ କରିଥିଲେ ସଂପାଦକ ଯତୀନ୍ଦ୍ରନାଥ ସାହୁ ସଭାର ଉଦ୍ଦେଶ୍ୟ ଜ୍ଞାପନ ଓ ସାହିତ୍ୟର ସୁରକ୍ଷା ସମ୍ବନ୍ଧିତ ବକ୍ତବ୍ୟ ରଖିଥିଲେ । ବୈଠକରେ ବସନ୍ତ ଋତୁ ଆଗମନକୁ ସ୍ୱାଗତ କରି କବି, କବୟିତ୍ରୀ ଗଣ ସ୍ୱରଚିତ କବିତା ଆବୃତି କରିଥିଲେ । ଇତ୍ୟବସରରେ ସାଂଗଠନିକ ଆଲୋଚନା କ୍ରମରେ ସଂସଦର ବାର୍ଷିକ ଉତ୍ସବ ପାଳନ, ଆଗାମୀ ଉତ୍କଳଦିବସ ପାଳନ ସମ୍ବନ୍ଧରେ ବିଶଦ ଆଲୋଚନା କରାଯାଇ ଥିଲା । ବନମୟୁରୀ ପତ୍ରିକା ସଂପାଦକ ନୀରଦ ସୁନ୍ଦର ଜେନା କବିତା ଗୁଡିକର ସଂଯୋଜନା କରିଥିଲେ । କବିତା ପାଠ ଓ ଆଲୋଚନାରେ ସଂସଦର କର୍ମକର୍ତା ଓ ବରିଷ୍ଠ ସଦସ୍ୟ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଉପଦେଷ୍ଟା ବାସୁଦେବ ନାପିତ, ସୌଦାମିନୀ ପଣ୍ଡା, ହରେନ୍ଦ୍ର ନାଥ ବାରିକ, ସୀମାଦାସ ଖଟୁଆ, ଡଃ ମନ୍ଦାକିନୀ ସାହୁ, ଉପସଭାପତି ଗୌତମଚନ୍ଦ୍ର ବେହେରା, ସହଦେବଗିରି, ରବୀନ୍ଦ୍ର ନାଥ ମିଶ୍ର, ଉଷା ଶତପଥି, ରବୀନ୍ଦ୍ରନାଥ ଖଟୁଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କମଳ ଲୋଚନ କର ସହଯୋଗ କରିଥିଲେ । ଶେଷରେ ସଂପାଦକ ଶ୍ରୀସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପରିତ୍ୟକ୍ତ ଅବସ୍ଥାରେ ବିଭିନ୍ନ ଜଳାଶୟ: ଜଳ ସଂରକ୍ଷଣ ନେଇ ବଢୁଛି ଚିନ୍ତା

ଧାମନଗର(ନିପ୍ର): ସାରା ବିଶ୍ୱ ଯେତେବେଳେ ‘ବିଶ୍ୱ ଜଳ ଦିବସ’ ପାଳନ କରିବାକୁ ପ୍ରସ୍ତୁତ ହେଉଛି, ସେତିକି ବେଳେ ଧାମନଗର ବ୍ଲକର ବିଭିନ୍ନ ପଂଚାୟତରେ ଜଳାଶୟ ଗୁଡ଼ିକର ଦୁରା ବସ୍ଥା ଏବେ ସ୍ଥାନୀୟ ଅଂଚଳରେ ଚିନ୍ତାର ବିଷୟ ପାଲଟିଛି । ବିଶେଷ କରି ଧାମନଗର, ଦୋବାଲ, ଧୂଷୁରୀ ଓ ଆସୁରାଳି ଜୋନ୍‌ର ଅନେକ ପୁରାତନ ପୋଖରୀ ଏବେ ପୁନରୁଦ୍ଧାର ଅଭାବରୁ କେବଳ ଏକ ପରିତ୍ୟକ୍ତ ‘ଗଡ଼ିଆ’ରେ ପରିଣତ ହୋଇଛି । ଏହି ଅଂଚଳ ଗୁଡ଼ିକରେ ଥିବା ଅନେକ ପୋଖରୀ ଏବେ ଦଳ ଓ ଅନାବନା ଘାସରେ ପରିପୂର୍ଣ୍ଣ ହୋଇ ରହିଛି । ସଂସ୍କାର ଅଭାବରୁ ଜଳାଶୟ ଗୁଡ଼ିକର ଗଭୀରତା କମିବାରେ ଲାଗିଛି । ଫଳରେ ବର୍ଷା ଜଳ ସଂରକ୍ଷଣ ହୋଇ ରହିପାରୁ ନାହିଁ । କେଉଁଠି ପୋଖରୀ ହୁଡ଼ା ଭୁଶୁଡ଼ି ପଡ଼ିଛି ତ କେଉଁଠି ପୋଖରୀକୁ ମୂତ୍ରାଶୟ କିମ୍ବା ଆବର୍ଜନା ପକାଇବା ସ୍ଥାନ ଭାବେ ବ୍ୟବହାର କରାଯାଉଛି । ଗାଧୋଇବା ପାଇଁ ହେଉ କିମ୍ବା ଚାଷ କାର୍ଯ୍ୟ, ପୋଖରୀ ଜଳ ଉପରେ ଏହି ଅଂଚଳର ଶହ ଶହ ପରିବାର ନିର୍ଭର କରିଥାନ୍ତି । କିନ୍ତୁ ପୋଖରୀ ପୋତି ହୋଇଯିବା ଯୋଗୁଁ ଖରାଦିନେ ଜଳାଭାବ ସମସ୍ୟା ଉତ୍କଟ ରୂପ ଧାରଣ କରୁଛି । ଯଦି ଏହି ପୋଖରୀଗୁଡ଼ିକର ଠିକ୍ ସମୟରେ ଖୋଳାଯାଇ ପୁନରୁଦ୍ଧାର କରାଯାନ୍ତା, ତେବେ ଭୂତଳ ଜଳସ୍ତର ବୃଦ୍ଧି ପାଇବା ସହ ସ୍ଥାନୀୟ ଲୋକେ ବହୁଳ ଭାବେ ଉପକୃତ ହୋଇ ପାରନ୍ତେ । ଅମୃତ ସରୋବର ଓ ଅନ୍ୟାନ୍ୟ ଜଳ ସଂରକ୍ଷଣ ଯୋଜନା ମାଧ୍ୟମରେ ପୋଖରୀ ସଂସ୍କାର ପାଇଁ ଅର୍ଥ ବ୍ୟବସ୍ଥା ଥିଲେ ମଧ ଏହି ସବୁ ଜୋନରେ କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲିଥିବା ଅଭିଯୋଗ ହେଉଛି । ପ୍ରଶାସନିକ ଅବହେଳା ଯୋଗୁଁ ଅନେକ ଉନ୍ନୟନମୂଳକ କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ଦାବି ଅନୁଯାୟୀ, ବିଶ୍ୱ ଜଳ ଦିବସ ରେ ଶପଥ ନେଇ ଏହି ପୁରାତନ ଜଳାଶୟଗୁଡ଼ିକ ପ୍ରତି ଦୃଷ୍ଟି ଦେଇ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରୁ, ଯାହାଦ୍ୱାରା ଧାମନଗର ଅଂଚଳରେ ଜଳ ସଙ୍କଟ ଦୂର ହୋଇପାରିବ ।











ଅସମ୍ଭବ ବୋଲି କିଛି ନାହିଁ ଯାହାକି ଭଗବାନଙ୍କ ନାମ ଦ୍ୱାରା ଲାଭ କରାଯାଇ ପାରିବ ନାହିଁ ।

# ଆଜିକାଲି



*ଯେ ହି ସଂସ୍ପର୍ଶଜା ଭୋଗା, ଦୁଃଖଯୋନୟ ଏବ ତେ
ଆଦ୍ୟନ୍ତବନ୍ତଃ କୌନ୍ତେୟ, ନ ତେଷୁ ରମତେ ବୁଧଃ
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ରୂପରସରେ ଜ୍ଞାନ ଆସକ୍ତ ହୁଏ ନାହିଁ । ଯେଉଁ ମାନେ ହୁଅନ୍ତି, ସେ ଅଜ୍ଞାନ ମୋହରେ ପଡ଼ି ରହନ୍ତି ।*

## ପରିବେଶ ସୁରକ୍ଷାପ୍ରତି ପଦକ୍ଷେପ

ତଥାକଥିତ ଭାବେ ମଣିଷ ଯେପରି 'ସୁଅ ମୁହଁରେ ପତର' ଭଳି ଅର୍ଥାତ୍ ଅସହାୟ ହୋଇପଡ଼ିଛି । କାରଣ ପରିବେଶ ଭୟାନକ ଭାବେ ଯେପରି ଦୂଷିତ ହୋଇପଡ଼ିଛି । ଅଙ୍ଗାରକାମ୍ଳ ବୃଦ୍ଧି ପାଉଥିବା ବେଳେ ଅମ୍ଳଜାନ ସ୍ତର ଯେପରି କମି କମି ଆସୁଛି । ଜନସଂଖ୍ୟା ବୃଦ୍ଧି ସହିତ ପରିବେଶ ପ୍ରଦୂଷଣ ଦ୍ରୁତ ଗତିରେ ବଢ଼ିଚାଲିଛି । ପ୍ଲାଷ୍ଟିକରେ ତିଆରି କରାଯାଉଥିବା ବିଭିନ୍ନ ସାମଗ୍ରୀର ବ୍ୟବହାର, ବିଭିନ୍ନ କଳକାରଖାନାରୁ ନିର୍ଗତ ହେଉଥିବା ନିର୍ଗତ ବିଷାକ୍ତ ବର୍ଜ୍ୟବସ୍ତୁ, ପେଟ୍ରୋଲ ଚାଳିତ ଯାନବାହନ ଓ ଫସଲ କିଆରୀ ନିଆଁ ଯୋଡ଼ି ସହ ସହର କିମ୍ବା ଗ୍ରାମାଂଚଳ ନିକଟସ୍ଥ ଜଙ୍ଗଲ ପୋଡ଼ିର ଧୂଆଁ ସହିତ ଅଧିକ ଅମଳ ପାଇଁ କୃଷି କ୍ଷେତ୍ରରେ ବ୍ୟବହୃତ ରସାୟନିକ ସାର ଓ କୀଟନାଶକ ପ୍ରଭାବରୁ ମାଟି, ପାଣି, ପବନ ସବୁଠାରୁ ଯେପରି ପ୍ରଦ୍ୟୁଷଣ ବଢ଼ିଚାଲିଛି । ପରିବେଶକୁ ପ୍ରଦ୍ୟୁଷଣ ମୁକ୍ତ ରଖିବା ପାଇଁ ସରକାର ଅନେକ ପଦକ୍ଷେପ ଓ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଥିଲେ ମଧ୍ୟ ଜଂଗଲ କ୍ଷୟ ଏବଂ ଆଧୁନିକ ଜୀବନ ଶୈଳୀର କୁପ୍ରଭାବ ପରିସ୍ଥିତିକୁ ଅଧିକ ଜଟିଳ କରିବାରେ ଲାଗିଚି । ଏହି କୁପ୍ରଭାବ ସମ୍ପର୍କରେ ବୃଦ୍ଧିଜୀବି ତଥା ସାଧାରଣ ଜନତା ଜାଣୁଥିଲେ ମଧ୍ୟ କିପରି ଏହି ସମସ୍ୟାକୁ ସମାଧାନ କରାଯିବ ସେଥିପ୍ରତି ନଜର ଦେଉ ନଥିବା ପରିତାପର ବିଷୟ । ସରକାରଙ୍କୁ ଦୋଷ ଦେବା ପୂର୍ବରୁ ଆମେ ସମସ୍ତେ କ'ଣ ଏହାର ମୁକାବିଲା କରିପାରିବା ନାହିଁକି ? ଦେଖାଯାଇଛି ଅନେକ କ୍ଷେତ୍ରରେ ସବୁଜ ବନାନୀ ଓ କୃଷି କ୍ଷେତକୁ କବର ଦିଆଯାଇ ତା ଉପରେ ବିମାନ ବନ୍ଦର । ରେଳପଥ ଓ ନୂତନ ରାସ୍ତା ନିର୍ମାଣ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି । ଏହାଦ୍ୱାରା ପ୍ରାକୃତିକ ପରିବେଶ ନଷ୍ଟ ହେବା ସହ ପ୍ରଦ୍ୟୁଷଣ ମଧ୍ୟ ବୃଦ୍ଧି ପାଉଛି । ଏହାଛଡ଼ା ବେଆଇନ ଭାବେ ଗଢ଼ି ଉଠିଥିବା ଇଟାଭାଟି, ବର୍ଷ ବର୍ଷ ଧରି ଇଟାଭାଟି ମାଲିକମାନଙ୍କ ଦ୍ୱାରା କୌଣସି ପ୍ରମାଣପତ୍ର ନନେଇ ଖୋଲାଖୋଲି ଭାବେ ବେପାର ଚଳାଇଥିବା ଇଟା କାରବାର ତଦ୍ୱାରା ଚିମନି ଇଟାଭାଟିର ଧୂଆଁରେ ଆକାଶ ଧୂଆଁମୟ ହେବା ପ୍ରଦୂଷଣର ଅନ୍ୟଏକ ନମୁନା । ବାୟୁ ପ୍ରଦୂଷଣ ପ୍ରତିହତ କରିବାକୁ ଜଜିଲ୍ଲା ପ୍ରଶାସନ ଦ୍ୱାରା କଟକଣା ଥିବା ସତ୍ତ୍ୱେ ତାହା ଯେପରି ବାଟବଣା ମନେ ହେଉଛି । ତୁରନ୍ତ ପ୍ରଶାସନ ପକ୍ଷରୁ ମଧ୍ୟ ଏ ଦିଗରେ ଦୃଷ୍ଟିଦେବା ତଥା ପ୍ରଦୂଷଣମୁକ୍ତ ପରିବେଶ ସୃଷ୍ଟି ଦିଗରେ ଚେଷ୍ଟିତ ହେବା ନିହାତି ଜରୁରୀ ।

## ଦୁର୍ଗାଂ ଦେବୀଂ ଶରଣମହଂ...

◆ ଗିରିଧାରୀ ସାମଲ



ଶକ୍ତି ପୂଜାର ପରମ୍ପରା ବୈଦିକ କାଳରୁ ରହିଆସିଛି । ଅବଶ୍ୟ କିଛି ସମାଲୋଚକ ଶକ୍ତିପୂଜାର ବୈଦିକତ୍ୱ ନେଇ ପ୍ରଶ୍ନ ଉଠାନ୍ତି । ଅନେକଙ୍କ ମତରେ ଶକ୍ତିପୂଜା ବୈଦିକ ସମୟରେ ନଥିଲା । ସେମାନେ କହନ୍ତି ଯେ ଯାହା ବୈଦିକ ନୁହେଁ, ତହିଁରେ ହିନ୍ଦୁ ଧର୍ମର ମୌଳିକତା ନଥାଏ । ତା ଅର୍ଥ ଶକ୍ତି ପୂଜା ହେଉଛି ପରବର୍ତୀ ସମୟର ସୃଷ୍ଟି ବା କଳ୍ପନା ମାତ୍ର । କିନ୍ତୁ ଭାରତବର୍ଷର ଧାର୍ମିକ ଚଳଣିରେ ଯେତେ ଦେବ ଦେବୀଙ୍କୁ ଉପାସନା କରାଯାଏ, ସମସ୍ତେ ବୈଦିକ । କେହି ଅବୈଦିକ ନୁହନ୍ତି । ବିଖ୍ୟାତ ଭାଷ୍ୟକାର ଶାୟନାଚାର୍ଯ୍ୟ କହନ୍ତି ତମାଗ୍ନି ବର୍ଣ୍ଣାଂ ତପସା ଜ୍ୱଳନ୍ତାଂ ବୈରୋଚନୀଂ କର୍ମଫଳେଷୁ ଜୁଷ୍ଟାଂ । ଦୁର୍ଗାଂ ଦେବୀଂ ଶରଣମହଂ ପ୍ରପେଦ୍ୟେ ସୁତରତି ତରସେ ନମଃ ।' ଏଇଟି ଋଗ୍‌ବେଦର ମନ୍ତ୍ର । ଏଥିରେ ଯେଉଁ ଅଗ୍ନିବର୍ଣ୍ଣାଂ' ତପସାଜ୍ୱଳନ୍ତୀଂ', ବୈରୋଚନୀଂ', ଦେବୀଂ' ପ୍ରଭୃତି ବିଶେଷଣ ରହିଛି ତାହା ସ୍ପଷ୍ଟତଃ ଦୁର୍ଗା'ଙ୍କ ଉଦ୍ଦେଶ୍ୟରେ । ଏଣୁ ଦୁର୍ଗା ଉପାସନା ଯେ ବୈଦିକ, ଏଥିରେ ସନ୍ଦେହର ଅବକାଶ ନାହିଁ । କିନ୍ତୁ ସ୍ୱାମୀ ଜଗଦୀଶ୍ୱରାନନ୍ଦଙ୍କ ଭଳି ଶାସ୍ତ୍ରଜ୍ଞଙ୍କ ମତରେ ଏହା ନାରାୟଣୀୟୋପନିଷଦର ମନ୍ତ୍ର । ସେ କହନ୍ତି ଉପନିଷଦ୍ ହେଉଛି ବେଦର ପରବର୍ତୀ କାଳର ସୃଷ୍ଟି । ଏଣୁ ଦେବୀଙ୍କ ସ୍ତୋତ୍ର ବୈଦିକ ନୁହେଁ । କିନ୍ତୁ ଜଗଦୀଶ୍ୱରାନନ୍ଦଙ୍କ ମତରେ ଅନେକ ବିରୋଧ କରନ୍ତି । ସେମାନେ କହନ୍ତି ଯେ ଏ ମନ୍ତ୍ର ଋକ୍ ବେଦର ହେଉ ବା ଉପନିଷଦର ହେଉ, ସେଥିରେ ମହାଦେବୀ ଦୁର୍ଗାଙ୍କ ବୈଦିକତ୍ୱରେ କୌଣସି ଆଂଚ ଆସିବାର ସମ୍ଭାବନା ନାହିଁ । କାରଣ ବୈଦିକ ସାହିତ୍ୟ କହିଲେ ଉପନିଷଦକୁ ବି ବୁଝାଏ ।

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ :୯୪୩୭୪୫୦୧୧୪*

## ଚିନ୍ତାମଣି ପାଣିଗ୍ରାହୀ



ଚିନ୍ତାମଣି ପାଣିଗ୍ରାହୀ ଥିଲେ ଏକାଧାରରେ ରାଜନେତା, ସଂଗଠକ, ସଂପାଦକ ଓ ସୁଲେଖକ । ରାଭେନ୍‌ସା ମହାବିଦ୍ୟାଳୟରୁ ଛାତ୍ର ନେତା ଭାବେ ଆରମ୍ଭ ହୋଇଥିଲା, ତାଙ୍କର ରାଜନୈତିକ ଜୀବନ । ଏହି ମହାବିଦ୍ୟାଳୟର ଛାତ୍ର ସଂଗଠନର ସଂପାଦକ ଭାବେ ନିର୍ବାଚିତ ହୋଇଥିଲେ । ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେଇ କଲେଜରୁ ବହିଷ୍କୃତ ହୋଇଥିଲେ । ତାହାପରେ କଲକାତା ଯାଇ, ବିଦ୍ୟାସାଗର ମହାବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ସେ କଲକାତା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତର ଓ ଆଇନରେ ଡିଗ୍ରି ହାସଲ କରିଥିଲେ । କଲକାତା ରହଣି କାଳରେ ଓଡ଼ିଆଙ୍କୁ ଏକତ୍ର କରି ଉତ୍କଳବାହିନୀ ସଂଗଠନ ପ୍ରତିଷ୍ଠା କରିଥିଲେ । ଚିନ୍ତାମଣି ପ୍ରଥମେ ଭାରତୀୟ ଜାତୀୟ କଂଗ୍ରେସରେ ଥିଲେ । ସ୍ୱାଧୀନତା ପରବର୍ତୀ କାଳରେ ବାମପନ୍ଥୀ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇ କମ୍ୟୁନିଷ୍ଟ ଦଳରେ ଯୋଗଦେଇ, ପୁରୀ ଆସନରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ତେବେ, କିଛି କାଳ ପରେ ବୀତସ୍ପୃହ ହୋଇ,ପୁଣି ଥରେ କଂଗ୍ରେସକୁ ଫେରି, ନିର୍ବାଚନ ଲଢ଼ି ଚାରି ଚାରି ଥର ଭୁବନେଶ୍ୱର ଲୋକସଭା ଆସନରୁ ବିଜୟୀ ହୋଇଥିଲେ । ୧୯୮୯ରେ ତାଙ୍କୁ ମଣିପୁରର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିଲା । ସେ ସୁରକ୍ଷା ବିଳୟ ଭିତରେ ନ ରହି, ସାଧାରଣ ଲୋକଙ୍କ ସୁଖ-ଦୁଃଖରେ ସାମିଲ ହୋଇଥିବା ରାଜ୍ୟପାଳ । ଚିନ୍ତାମଣିଙ୍କର ସଂପାଦକ ଜୀବନ ମଧ୍ୟ ସୁଦୀର୍ଘ ଥିଲା । ପ୍ରଥମେ ପ୍ରଜାତନ୍ତ୍ରର ଯୁଗ୍ମ ସଂପାଦକ ଦାୟିତ୍ୱ ତୁଲାଇଥିଲେ । ତାହାପରେ ପ୍ରଜାତନ୍ତ୍ର, ଝଙ୍କାର ଓ ମାତୃଭୂମିର ସଂପାଦକ । 'ଚୀନ ପଥେ', 'ଯୁଗ ସାହିତ୍ୟ', 'ଗାନ୍ଧିଜୀ ଓ ନିରନ୍ତର ବିପ୍ଲବ', 'ଗାନ୍ଧୀ କାହାଣୀ', 'ନୂତନ ପ୍ରବାହ' ଆଦି ତାଙ୍କ ଦ୍ୱାରା ଲିଖିତ କେତେକ ପ୍ରସିଦ୍ଧ ପୁସ୍ତକ । ବ୍ୟକ୍ତିଗତ ଜୀବନରେ ସେ ଥିଲେ ବିନୟୀ । ସାରା ଜୀବନ ନିରଳସ ନିରାଡ଼ମ୍ବର ଭାବେ କଟାଇଥିଲେ । ସାହିତ୍ୟିକ କାଳନ୍ଦୀ ଚରଣ ପାଣିଗ୍ରାହୀ ଓ ଭଗବତୀ ଚରଣ ପାଣିଗ୍ରାହୀ ଥିଲେ, ତାଙ୍କର ଦଦେଇ ପୁଅ ଭାଇ । ୧୯୨୨ ମାର୍ଚ୍ଚ ୨୨ ତାରିଖରେ ବାଲିପାଟଣା ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମରେ ସେ ଜନ୍ମ ହୋଇଥିଲେ ।

# ବସନ୍ତ ନବରାତ୍ରୀର ପୌରାଣିକ କଥା

◆ ଡାକ୍ତର ଦିଲ୍ଲୀପ କୁମାର ମହାରଣା

### ବାସନ୍ତୀକ ଦୁର୍ଗାପୂଜା ଓ ନବରାତ୍ରୀ



ରାମାୟଣ ପୂର୍ବର କଥା । କୋଶଳ ଦେଶର ରାଜା ଥିଲେ ଧ୍ରୁବସିନ୍ଧୁ । ଥରେ ଶିକାରକୁ ଯାଇଥିବା ବେଳେ ସିଂହ ଆକ୍ରମଣରେ ତାଙ୍କର ପ୍ରାଣ ଗଲା । ତାଙ୍କ ପରେ ରାଜକୁମାର ସୁଦର୍ଶନଙ୍କୁ ରାଜମୁକୁଟ ପିନ୍ଧାଯିବାକୁ ପ୍ରୟାସ ଆରମ୍ଭ ହେଲା । ମାତ୍ର ଉଜ୍ଜୟିନୀର ରାଜା ଯୁଦ୍ଧଜିତ୍ ନିଜ ନାତି ଶତ୍ରୁଜିତ୍‌କୁ କୋଶଳର ରାଜା କରିବାକୁ ଚାହୁଁଥିଲେ । ଏଣୁ ସେ କୋଶଳ ପ୍ରଦେଶ ଉପରେ ଆକ୍ରମଣ କରିଦେଲେ । ଫଳରେ ରାଜକୁମାର ସୁଦର୍ଶନ, ମା'ମନୋରମା ଓ ଜଣେ କିନ୍ନର ସହ ରାଜଭବନରୁ ପଳାୟନ କରି ମହର୍ଷି ଭରଦ୍ୱାଜଙ୍କ ନିକଟରେ ଶରଣାପନ୍ନ ହେଲେ । ଶତ୍ରୁଜିତ୍ କୋଶଳର ରାଜଧାନୀ ଅଯୋଧାରେ ରାଜା ହେଲା । ସେ ମହର୍ଷି ଭରଦ୍ୱାଜଙ୍କ ଆଶ୍ରମରେ ଶରଣ ନେଇଥିବା ମନୋରମା ଓ ସୁଦର୍ଶନଙ୍କୁ ହତ୍ୟା କରିବାକୁ ଚେଷ୍ଟା କଲା । ମାତ୍ର ତପସ୍ୱୀ ଭରଦ୍ୱାଜ ତାହା କରାଇ ଦେଲେ ନାହିଁ । ଦିନେ ଭରଦ୍ୱାଜଙ୍କ ପୁତ୍ର ଆଶ୍ରମରେ ଥିବା କିନ୍ନରକୁ ସଂସ୍କୃତରେ କ୍ଲୀବ ବୋଲି ଡାକିଲା । ସେହିଦିନ ଠାରୁ ସୁଦର୍ଶନ ମଧ୍ୟ କିନ୍ନରକୁ କ୍ଲୀବ ନାମରେ ଡାକିବାକୁ ଚିନ୍ତା କଲେ । ମାତ୍ର ସେ ସମ୍ପୂର୍ଣ୍ଣ ଭାବେ କ୍ଲୀବ ଉଚ୍ଚାରଣ କରିନପାରି କ୍ଲୀମ୍ ବୋଲି ଡାକିଲେ ।






କ୍ଲୀମ୍ ଥିଲା ମାତା ଆଦିଶକ୍ତିଙ୍କ ବୀଜ ଅକ୍ଷର ମନ୍ତ୍ର । ବାରମ୍ବାର ଏହି ନାମ ଉଚ୍ଚାରଣ କରିବାରୁ ଦିନେ ମାତା ଆଦିଶକ୍ତି ପ୍ରକଟ ହୋଇ ସୁଦର୍ଶନଙ୍କୁ ଦିବ୍ୟାସ୍ତ୍ର ପ୍ରଦନା କଲେ । ଥରେ ବନାରସର ରାଜା ଋଷି ଭରଦ୍ୱାଜଙ୍କ ଆଶ୍ରମ ଦେଇ ଯାଉଥିଲେ । ସେ ସୁଦର୍ଶନଙ୍କୁ ଦେଖିଲେ । ଋଷିଙ୍କ ଠାରୁ ତାଙ୍କ ବିଷୟରେ ଜାଣିବା ପରେ ବନାରସର ରାଜା ନଅ ଝିଅ ଶଶିକଳା ସହ ସୁଦର୍ଶନଙ୍କ ବିବାହ କରାଇଲେ । ମାତା ଦୁର୍ଗାଙ୍କ କୃପାରୁ ସୁଦର୍ଶନ ଯୁଦ୍ଧରେ ଶତ୍ରୁଜିତ୍‌ଙ୍କୁ ପରାଜିତ କରି କୋଶଳ ଦେଶର ରାଜା ହେଲେ । ମାତାଙ୍କ କୃପାରୁ ପୁଣି ଥରେ ରାଜ୍ୟ ଫେରି ପାଇଥିବାରୁ ସୁଦର୍ଶନ ଚୈତ୍ର ମାସ ଶୁକ୍ଳପକ୍ଷରେ ବସନ୍ତ ନବରାତ୍ରୀର ପରମ୍ପରା ଚାଲି ଆସିଛି । ପରବର୍ତୀ ସମୟରେ ସୁଦର୍ଶନଙ୍କ ବଂଶଧର ଭଗବାନ ଶ୍ରୀରାମ ଶାରଦୀୟ ନବରାତ୍ରୀରେ ମାତାଙ୍କୁ ପୂଜା କରି ରାକ୍ଷସରାଜ ରାବଣର ସଂହାର କରିବାକୁ ସଫଳ ହୋଇଥିଲେ ।

*ଶିଖରପୁର ଉପରସାହି, କଟକ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯*

# ବାସନ୍ତୀକ ଦୁର୍ଗାପୂଜା ଓ ନବରାତ୍ରୀ

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା

*ଓଁ ଏଂ ହ୍ରୀଂ କ୍ଲୀଂ ଚାମୁଣ୍ଡାୟେ ବିଚ୍ଚୈ........*

ଓଡ଼ିଆ ଆଧାତ୍ମିକ ଚେତନା ଓ ଧର୍ମୀୟ ଲୋକବିଶ୍ୱାସରେ ପରିପୂର୍ଣ୍ଣ ହୋଇଛି ମା'ଙ୍କ ପୂଜା ଆରାଧନା । ବିଶେଷକରି ଚୈତ୍ର ମାସରେ ମା'ବାସନ୍ତୀକ ଦୁର୍ଗାପୂଜା କେବଳ ଓଡ଼ିଆ ଆଧାତ୍ମିକ ଚେତନା ନୁହେଁ ବରଂ ସମଗ୍ର ଭାରତରେ ଏହା ଅତ୍ୟନ୍ତ ଆଧାତ୍ମିକ ଭକ୍ତିପୂତ ପରିବେଶରେ ପାଳିତ ହୋଇଥାଏ । କେବଳ ମା'ଦୁର୍ଗାଙ୍କ ଆଶ୍ରିତ ନୁହଁନ୍ତି ଆଧାତ୍ମିକ ଶ୍ରଦ୍ଧାଳୁମାନେ ଭକ୍ତି, କାଙ୍କ୍ଷା ଓ ବିଶ୍ୱାସକୁ ନେଇ ମା'ଦୁର୍ଗାଙ୍କୁ ସମର୍ପଣ ଭିତିକ ଚେତନା ନେଇ ପୂଜା କରିଥାନ୍ତି । ଗୋଟିଏ ବର୍ଷରେ ୫ଥର ନବରାତ୍ରୀ ଉତ୍ସବ ପାଳିତ ହୋଇଥାଏ । ଏହି ଉତ୍ସବରେ ଦେବୀ ଦୁର୍ଗାଙ୍କର ୯ଟି ଭିନ୍ନ ଭିନ୍ନ ସ୍ୱରୂପକୁ ପୂଜା କରାଯାଇଥାଏ । ଏହି ୫ଟି ନବରାତ୍ରୀ ହେଲେ - ବସନ୍ତ ନବରାତ୍ରୀ, ଆଷାଢ଼ ନବରାତ୍ରୀ, ଶରତ ନବରାତ୍ରୀ, ପୌଷ ନବରାତ୍ରୀ ଏବଂ ମାଘ ନବରାତ୍ରୀ । ଏହି ୫ଟି ନବରାତ୍ରୀ ମଧ୍ୟରୁ ଶରତ ନବରାତ୍ରୀ ବା ଶାରଦୀୟ ଦୁର୍ଗାପୂଜା ଏବଂ ବସନ୍ତ ନବରାତ୍ରୀ ବା ବାସନ୍ତିକ ଦୁର୍ଗାପୂଜା ବିଶେଷ ଭାବେ ପ୍ରସିଦ୍ଧ । ତେବେ ବସନ୍ତ ନବରାତ୍ରୀ ସାଧାରଣତଃ ମାର୍ଚ୍ଚ କିମ୍ବା ଏପ୍ରିଲ ମାସରେ ପାଳିତ ହୋଇଥାଏ । ଚୈତ୍ର ମାସ ଶୁକ୍ଳପକ୍ଷରେ ଆୟୋଜିତ ହେଉଥିବା ଏହି ନବରାତ୍ରୀକୁ ଚୈତ୍ର ନବରାତ୍ରୀ କୁହାଯାଏ । ଏହା ସାଧାରଣତଃ ଚୈତ୍ର ପ୍ରତିପଦା ଠାରୁ ଆରମ୍ଭ ହୋଇ ଦଶମୀ ଦିନ ଶେଷ ହୋଇଥାଏ । ଚଳିତ ମାସ ୭ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି ନବରାତ୍ରୀ ପାଳିତ ହେବ । ଏହି ନବରାତ୍ରୀ ଅବସରରେ ହିନ୍ଦୁ ନବବର୍ଷ ମଧ୍ୟ ଆରମ୍ଭ ହୋଇ ଥାଏ । ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, କୋଶଳ ଦେଶର ରାଜା ଦୁଶିବାଗ ଶିକାରକୁ ଯାଇଥିବା ସମୟରେ ତାଙ୍କୁ ଏକ ସିଂହ ଆକ୍ରମଣ କଲା । ଏଥିରେ ସେ ପ୍ରାଣ ହରାଇଲେ । ତାଙ୍କ ପୁତ୍ର ଯୁବରାଜ ସୁଦର୍ଶନଙ୍କୁ ରାଜା କରିବା ଲାଗି ପ୍ରସ୍ତୁତି ଆରମ୍ଭ ହେଲା । କିନ୍ତୁ ରାଣୀ ଲୀଳାବତୀଙ୍କ ପିତା ତଥା ଉଜ୍ଜୈନୀର ରାଜା ଯୁଦ୍ଧଜିତ୍ ଏବଂ ରାଣୀ ମନୋରମାଙ୍କ ପିତା ତଥା କଳିଙ୍ଗ ରାଜା ବୀରସେନ କୋଶଳ ରାଜସିଂହାସନ ଉପରେ ଦୃଷ୍ଟି ପକାଇଥିଲେ । ସେମାନେ ନିଜ ନିଜ ନାତିଙ୍କୁ କୋଶଳର ରାଜା ଭାବେ ଦେଖିବାକୁ ଚାହୁଁଥିଲେ । ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଯୁଦ୍ଧ ହେଲା । ଏହି ଯୁଦ୍ଧରେ ବୀରସେନ ପ୍ରାଣ ହରାଇଲେ । ଏହାପରେ ମନୋରମା ଯୁବରାଜ ସୁଦର୍ଶନ ଏବଂ ଜଣେ କିନ୍ନରଙ୍କୁ ଧରି ଜଙ୍ଗଲକୁ ଚାଲିଗଲେ । ସେମାନେ ଋଷି ଭରଦ୍ୱାଜଙ୍କ ଆଶ୍ରମରେ ଆଶ୍ରୟ ନେଲେ । ଅନ୍ୟପଟେ ବିଜୟୀ ରାଜା ଯୁଦ୍ଧଜିତ୍ ନିଜ ନାତି ଶତ୍ରୁଜିତ୍‌ଙ୍କୁ କୋଶଳ ରାଜଧାନୀ ଅଯୋଧାର ରାଜସିଂହାସନରେ ବସାଇଲେ । ଏହାପରେ ସେ ମନୋରମା ଏବଂ ତାଙ୍କର ପୁତ୍ରକୁ ଖୋଜିବା ଲାଗି ଚାଲିଲେ । ସେ ଋଷିଙ୍କ ଆଶ୍ରମରେ ମାତା-ପୁତ୍ରଙ୍କୁ ଠାବ କଲେ । ମାତ୍ର ଋଷି କହିଲେ, ତାଙ୍କ ନିକଟରେ ଆଶ୍ରୟ ନେଇଥିବା ଲୋକଙ୍କୁ ସେ କେବେ ଛାଡ଼ିବେ ନାହିଁ । ରାଜା ଯୁଦ୍ଧଜିତ୍ ଋଷିଙ୍କୁ ଆକ୍ରମଣ କରିବା ଲାଗି ଚାହିଁଲେ । ମାତ୍ର ମନ୍ତ୍ରୀ ତାଙ୍କୁ ବାରଣ କଲେ । ଯୁଦ୍ଧଜିତ୍ ରାଜଧାନୀକୁ ଫେରିଆସିଲେ । ଦିନେ ରାଜକୁମାର ସୁଦର୍ଶନଙ୍କ ଭାଗ୍ୟ ଉଦୟ ହେଲା । ଜଣେ ଋଷିପୁତ୍ର କିନ୍ନରକୁ ସଂସ୍କୃତ ଶବ୍ଦ କ୍ଲୀବ କହି ସମ୍ବୋଧନ କଲେ । ଏଥିରୁ ପ୍ରଥମ ଶବ୍ଦ 'କ୍ଲୀ' ରାଜପୁତ୍ରଙ୍କୁ ଭଲ ଲାଗିଲା । ସେ ବାରମ୍ବାର 'କ୍ଲୀଂ' ଉଚ୍ଚାରଣ କଲେ । ଏହା ଏକ ଶକ୍ତିଶାଳୀ ମନ୍ତ୍ର ଥିଲା । ଯାହା ମାତା ଶକ୍ତିଙ୍କର ବୀଜ ଅକ୍ଷର ମନ୍ତ୍ର ଥିଲା । ଏହି ମନ୍ତ୍ର ଜପ କରି ରାଜପୁତ୍ର ଶାନ୍ତି ପ୍ରାପ୍ତ କଲେ । ଦେବୀ ତାଙ୍କ ସମ୍ମୁଖରେ ଆବିର୍ଭୂତ ହେଲେ ଏବଂ ରାଜପୁତ୍ରଙ୍କୁ ଦିବ୍ୟାସ୍ତ୍ର ଏବଂ ଅକ୍ଷୟ



ତୂଣୀର ପ୍ରଦାନ କଲେ । ଇତିମଧ୍ୟରେ ଦିନେ ବାରାଣାସୀ ରାଜା ଋଷିଙ୍କ ଆଶ୍ରମ ଦେଇ ଯାଉଥିଲେ । ସେ ସୁନ୍ଦର ରାଜକୁମାର ସୁଦର୍ଶନଙ୍କୁ ଦେଖିଲେ । ନିଜ କନ୍ୟା ଶଶିକଳାଙ୍କ ସହିତ ରାଜକୁମାର ସୁଦର୍ଶନଙ୍କ ବିବାହ କରିବା ଲାଗି ପ୍ରସ୍ତାବ ଦେଲେ । ଏହାପରେ ଶଶିକଳାଙ୍କ ସ୍ୱୟମ୍ବର ଆୟୋଜନ ହେଲା । ଏହି ସ୍ୱୟମ୍ବରରେ ସୁଦର୍ଶନଙ୍କ ଗଳାରେ ବରଣମାଳା ପିନ୍ଧାଇଲେ ଶଶିକଳା । ଦୁହିଁଙ୍କ ବିବାହ ସମ୍ପନ୍ନ ହେଲା । ଏହି ବିବାହୋତ୍ସବରେ ରାଜା ଯୁଦ୍ଧଜିତ୍ ମଧ୍ୟ ଉପସ୍ଥିତ ଥିଲେ । କ୍ରୋଧିତ ହୋଇ ସେ ବାରାଣାସୀ ରାଜାଙ୍କ ସହ ଯୁଦ୍ଧ ଆରମ୍ଭ କରିଦେଲେ । ସୁଦର୍ଶନ ଏବଂ ତାଙ୍କ ଶ୍ୱଶୁରଙ୍କ ସାହାଯ୍ୟ କରିବା ଲାଗି ଦେବୀ ଶକ୍ତି ଆଗେଇ ଆସିଲେ । ଯୁଦ୍ଧଜିତ୍ ତାଙ୍କର ନିନ୍ଦା କଲେ । ଏଥିରେ ରୁଷ୍ଟ ହୋଇ ଦେବୀ ଯୁଦ୍ଧଜିତ୍‌ଙ୍କ ସୈନ୍ୟବାହିନୀକୁ ନଷ୍ଟଭ୍ରଷ୍ଟ କରିଦେଲେ । ସୁଦର୍ଶନ ତାଙ୍କ ପତ୍ନୀ ଏବଂ ଶ୍ୱଶୁର ଦେବୀଙ୍କ ମହିମା ଗାନ କଲେ । ଏହି ତିନିଜଣଙ୍କୁ ଦେବୀ ବରଦାନ ଦେଲେ ଏବଂ ବସନ୍ତ ନବରାତ୍ରୀ ଅସରରେ ହୋମ ଏବଂ ଅନ୍ୟ ପୂଜା ଅନୁଷ୍ଠାନ କରିବା ଲାଗି ନିର୍ଦ୍ଦେଶ ଦେଲେ । ଏହାପରେ ଦେବୀ ଅନ୍ତର୍ଦ୍ଧାନ ହୋଇଗଲେ । ରାଜକୁମାର ସୁଦର୍ଶନ ଏବଂ ଶଶିକଳା ଋଷି ଭରଦ୍ୱାଜଙ୍କ ଆଶ୍ରମକୁ ଫେରିଗଲେ । ମହର୍ଷି ସୁଦର୍ଶନଙ୍କୁ କୋଶଳ ରାଜା ଭାବେ ଘୋଷଣା କଲେ । ଏହାପରେ ସୁଦର୍ଶନ, ଶଶିକଳା ଏବଂ ବାରାଣାସୀର ରାଜା ମିଶି ଦେବୀଙ୍କ ନିର୍ଦ୍ଦେଶ ଅନୁସାରେ ମହାସମାରୋହରେ ବସନ୍ତ ନବରାତ୍ରୀ ପୂଜା କରାଇଲେ । ଭକ୍ତିର ସହକାରେ ମା'ଙ୍କୁ ଆବାହନ କଲେ । ଫଳରେ ତାଙ୍କୁ କୋଶଳ ରାଜପଦବୀ ପ୍ରାପ୍ତ ହେଲା । ସେ ଧର୍ମପୂର୍ବକ ରାଜ୍ୟ ଶାସନ କଲେ । ଯୁଗ ବିତିଗଲା । ତ୍ରେତୟା ଯୁଗରେ ରଘୁବଂଶରେ ଜନ୍ମ ନେଇ ଭଗବାନ ବିଷ୍ଣୁଙ୍କ ଅବତାର ପ୍ରଭୁ ଶ୍ରୀରାମଚନ୍ଦ୍ର । ସେଥିଲେ ସୁଦର୍ଶନଙ୍କ ବଂଶଜ । ପ୍ରଭୁ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ ଏବଂ ଦେବୀ ସୀତା ଓ ଅଯୋଧା ରାଜପରିବାରର ଅନ୍ୟ ସଦସ୍ୟ ମାନେ ମିଶି ଚୈତ୍ର ନବରାତ୍ରୀ ପୂଜା ବିଧିପୂର୍ବକ କରିଥିଲେ । ସେମାନଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ଦେବୀ ସେମାନଙ୍କୁ ବରଦାନ ଦେଇ ଥିଲେ । କୃତିବାସ ରାମାୟଣରେ ଥିବା ବର୍ଣ୍ଣନା ଅନୁଯାୟୀ ପ୍ରଭୁ ରାମଚନ୍ଦ୍ର ଲଙ୍କା ଉପରେ ଆକ୍ରମଣ କରିବା ପୂର୍ବରୁ ଦେବୀ ଭଗବତୀ ଦୁର୍ଗାଙ୍କ ଠାରୁ ଆଶୀର୍ବାଦ ଲୋଡ଼ିଥିଲେ । ପୂର୍ବରୁ ଦୁର୍ଗାପୂଜା ଶରତ ଋତୁରେ ପାଳିତ ହେଉଥିଲା । ତେବେ ଯୁଦ୍ଧକୁ ଯିବା ପୂର୍ବରୁ ଅର୍ଥାତ୍ ସିଂହବାହିନୀଙ୍କୁ ଆବାହନ କରିଥିଲେ । ସେ ଦେବୀଙ୍କ ଅଷ୍ଟ ମହାବିଦ୍ୟା ସ୍ୱରୂପକୁ ପୂଜା କରିଥିଲେ । ରାମଚନ୍ଦ୍ର ନିର୍ଦ୍ଧାରିତ ସମୟ ପୂର୍ବରୁ ଦେବୀ ଦୁର୍ଗାଙ୍କୁ ଉପାସନା କରିବାରୁ ଏହାକୁ 'ଅକାଳ ବୋଧନ୍' କୁହାଗଲା । ବାସନ୍ତିକ ଦୁର୍ଗାପୂଜାର ବିଧି ଶାରଦୀୟ ପୂଜାବିଧି ଠାରୁ ଭିନ୍ନ ଥିଲା । ପରବର୍ତୀ କାଳରେ ଶ୍ରୀରାମଙ୍କ ଦ୍ୱାରା ଆଗୁଆ କରାଯାଇଥିବା ଏହି ଦୁର୍ଗାପୂଜା ପୂର୍ବ ଏବଂ ଉତର ଭାରତରେ ବିଶେଷ ପ୍ରସିଦ୍ଧି ହାସଲ କରିଥିଲା । ଓଡ଼ିଶାରେ ବାସନ୍ତୀକ ଦୁର୍ଗାପୂଜା ଅନେକ ସ୍ଥାନରେ ଅନୁଷ୍ଠିତ ହେଉଛି । ଯେଉଁ ମଣ୍ଡପରେ ବା ଆସ୍ଥାନରେ ଦେବୀ ଦୁର୍ଗାଙ୍କୁ ଆରାଧନା କରାଯାଇଥାଏ ସେହି ସ୍ଥାନରେ ବାସନ୍ତିକ ଦୁର୍ଗାପୂଜା କରାଯାଏ । କଟକର ମଙ୍ଗଳାବାଗ, କଲେଜଛକ, ବଙ୍ଗାଳିସାହି, ପିଠାପୁର, ଝାଞ୍ଜିରୀମଙ୍ଗଳା ପରି ସ୍ଥାନରେ ଏହା ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହେଉଛି । ସାହି ମୁରବୀ ଓ ମା'ଦୁର୍ଗାଙ୍କ ଆଶ୍ରିତମାନଙ୍କ ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହେଉଛି । ପ୍ରାୟତଃ ମଙ୍ଗଳ ବାର ଠାରୁ ଚୈତ୍ର ନବରାତ୍ର ଆରମ୍ଭ ହୋଇଥାଏ । ବିଶ୍ୱାସ ରହିଛି ମା'ଦୁର୍ଗାଙ୍କ ପୂଜାଫଳ ବିଶେଷ ଭାବରେ ପ୍ରାପ୍ତି ହୋଇଥାଏ । ଜୀବନ ସାର୍ଥକ ନିମିତ ଲୋକବିଶ୍ୱାସ ରହିଛି ନବରାତ୍ରୀ ଏଭଳି ଏକ ପରବ ଯେଉଁଥିରେ ମାତା ଲକ୍ଷ୍ମୀ, ଦୁର୍ଗା, ମହାକାଳୀ, ମାତା ସରସ୍ୱତୀଙ୍କୁ ପୂଜା କରାଯାଇଥାଏ । ବାସନ୍ତୀ ଦୁର୍ଗାପୂଜାରେ ଦୁର୍ଗା ସପ୍ତଶତୀ ପାଠ କରାଯାଏ । ମାତାଙ୍କ ବ୍ରତ ରଖି କେହି କେହି ଉପବାସ କରିଥାନ୍ତି । ତୁଳସୀ, ଫୁଲ ଓ ଦୁବ ମା'ଦୁର୍ଗାଙ୍କୁ ସମର୍ପଣ କରାଯାଏ । ପୂଜାବେଳେ ଲାଲ ବସ୍ତ୍ର ପରିଧାନ ଶୁଭଫଳ ପ୍ରାପ୍ତି ଦେଇଥାଏ ବୋଲି ବିଶ୍ୱାସ ରହିଛି । ପୂଜାସ୍ଥଳୀରେ ଭଗବତୀ ଦୁର୍ଗା, ଭଗବତୀ ଲକ୍ଷ୍ମୀ ଓ ମାତା ସରସ୍ୱତୀଙ୍କ ବିଗ୍ରହ ବା ଫଟୋଚିତ୍ର ରହିଥାଏ । ଅନେକ ସ୍ଥାନରେ ଅଖଣ୍ଡ ଦୀପ ମାତା ଦୁର୍ଗାଙ୍କୁ ସମର୍ପିତ ହୋଇ ପ୍ରଜ୍ଜ୍ୱଳିତ ହୋଇଥାଏ । ଚୈତ୍ର ନବରାତ୍ରର ଶେଷ ଦିନରେ ଘରେ ଥିବା ପୁସ୍ତକ, ବାଦ୍ୟଯନ୍ତ୍ର ଆଦିର ପୂଜା ହୋଇଥାଏ । ଏହି ସମୟରେ ମା'ବାସନ୍ତୀ ଦୁର୍ଗାଙ୍କୁ ମନ୍ତ୍ର - 'ଓଁ ଏଂ ହ୍ରୀଂ କ୍ଲୀଂ ଚାମୁଣ୍ଡାୟେ ବିଚ୍ଚୈ' । ଆସନ୍ତୁ ବାସନ୍ତୀ ଦୁର୍ଗାଙ୍କୁ ଶତକୋଟି ପ୍ରଣାମ କରି ତାଙ୍କ ଆଶୀର୍ବାଦ ପ୍ରାପ୍ତ ହେବା ।

*ପିସି ସରକାର ଲେନ୍, ଅରୁଣୋଦୟ ନଗର, କଟକ : ୯୪୩୭୧୦୩୧୨୫୩*

# ବାସନ୍ତୀ ନବରାତ୍ରୀ, ଦୁର୍ଗାପୂଜା ଓ ଚଇତି ଘୋଡ଼ାନାଚ

◆ ବିପିନ ବିହାରୀ ରାଉତ

ବର୍ଷରେ ଦୁଇଥର ଦୁର୍ଗାପୂଜା ପାଳନ କରାଯାଏ । ଶରତ ଋତୁରେ ଆଶ୍ୱିନ ଶୁକ୍ଳ ପକ୍ଷରେ ହେଉଥିବା ଶାରଦୀୟ ଦୁର୍ଗାପୂଜା ସାର୍ବଜନୀନ । ଆଉ ବସନ୍ତ ଋତୁରେ ଚୈତ୍ର ଶୁକ୍ଳ ପକ୍ଷରେ ବାସନ୍ତୀ ଦୁର୍ଗାପୂଜା ପାଳିତ ହୁଏ । ବାସନ୍ତୀ ଦୁର୍ଗା ସଂହାରକାରିଣୀ ନୁହନ୍ତି ସେ ଅନ୍ନଦାତ୍ରୀ ମାତା । ତାଙ୍କୁ ଧରଣୀ ମାତା ଭାବେ କଳ୍ପନା କରାଯାଇଛି । ଧରଣୀ ମାତାଙ୍କର ବୟଃପ୍ରାପ୍ତିରେ ଉତ୍‌ଫୁଲ୍ଲିତ ମଣିଷ କେଉଁ ପୁରୁଣା କାଳରୁ ବାସନ୍ତୀ ଦୁର୍ଗା ପୂଜା ପାଳନ କରିଆସୁଥିବା ଜଣାଯାଏ । ପୁରାଣ ଆନୁଯାୟୀ ଦୁର୍ଗାପୂଜା ବସନ୍ତ ଋତୁ କାଳୀନ ଉତ୍ସବ । ପ୍ରଭୁ ଶ୍ରୀରାମଙ୍କ ପୂର୍ବରୁ ଏହା ଥିଲା ମୁଖ୍ୟ ଦୁର୍ଗାପୂଜା, ଏଣୁ ପ୍ରାଚୀନତମ । ମହାପରାକ୍ରମୀ ଲଙ୍କାନରେଶ ରାବଣକୁ ନିଧନ କରିବା ପାଇଁ ଲଙ୍କା ଯୁଦ୍ଧ ପୂର୍ବରୁ ଶ୍ରୀରାମ ଆଦ୍ୟାଶକ୍ତି ମାତା ଦୁର୍ଗାଙ୍କୁ ଆବାହନ କରିଥିଲେ । ମାତା ପ୍ରସନ୍ନ ହେଲେ ତାଙ୍କୁ ଆଶୀର୍ବାଦ ଦେବା ପରେ, ସେ ଯୁଦ୍ଧକୁ ବାହାରିଥିଲେ । ତାହା ଥିଲା ଶରତ ଋତୁ । ତେଣୁ ଶାରଦୀୟ ଦୁର୍ଗା ପୂଜା ପାଳନ କରାଯାଏ ।



ଶ୍ରୀରାମ ଅସମୟରେ ଦୁର୍ଗାପୂଜା କରିଥିବାରୁ ଏହାକୁ ଅକାଳ ବୋଧନ ମଧ୍ୟ କୁହାଯାଏ । ଶାରଦୀୟ ଦୁର୍ଗାପୂଜା ଏବଂ ବାସନ୍ତୀ ଦୁର୍ଗାପୂଜାର ରୀତି-ନୀତି ପ୍ରାୟ ଏକା ଭଳି । ଓଡ଼ିଶା, ପଶ୍ଚିମବଙ୍ଗ, ଉତରାଖଣ୍ଡ, ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା ଏବଂ ଜାମ୍ମୁ-କାଶ୍ମୀରରେ ବାସନ୍ତୀ ଦୁର୍ଗାପୂଜା ମହା ଆଡ଼ମ୍ବରରେ ପାଳନ କରାଯାଏ । ଭକ୍ତ ଶ୍ରଦ୍ଧାଳୁମାନେ ଏହି ସମୟରେ ବସନ୍ତ ନବରାତ୍ରି ବ୍ରତ ପାଳନ କରନ୍ତି । ପଞ୍ଜାବ ଏବଂ ହରିୟାଣାରେ ଛୋଟ ଝିଅଙ୍କୁ ଦୁର୍ଗାଙ୍କ ଭଳି ସଜାଇ ପୂଜା କରାଯାଏ । ଏହି ମାନବୀ ଦୁର୍ଗାଙ୍କୁ କଞ୍ଜକ କୁହାଯାଏ । ଚଇତି ଘୋଡ଼ା ନାଚ ଓଡ଼ିଶାର ଏକ ପାରମ୍ପରିକ ଲୋକନୃତ୍ୟ । ଏହା ମୁଖ୍ୟତଃ ଓଡ଼ିଶାର ଉପକୂଳ ଅଂଚଳରେ କେଉଟ ମାନଙ୍କ ଦ୍ୱାରା ଆରମ୍ଭ ହୋଇ ସେହି ଅଂଚଳମାନଙ୍କରେ ଚୈତ୍ର ମାସ ପୂର୍ଣ୍ଣିମା ତିଥିରେ ପରିବେଷିତ ହୋଇଥାଏ । କେଉଟମାନେ ବାଉଁଶ ବତାରେ ଘୋଡ଼ାର ପାଦହୀନ ଦେହ ଓ ବେକ ଆକାରର ଗୋଟିଏ ଥାଟ ତିଆରି କରି ତା ଉପରେ ଲୁଗା ଆଦି ଘୋଡ଼ାନ୍ତି ଓ ବେକ ଉପରେ ଘୋଡ଼ାମୁହଁ ପରି ଚିତ୍ରିତ ମୁଖାଟିଏ ଲଗାନ୍ତି । ଉକ୍ତ ଚଇତି ଘୋଡ଼ାର ପିଠିରେ ଗୋଟିଏ କଣା ଥାଏ । ସେହି କଣା ବାଟେ ମନୁଷ୍ୟ ଅଂଟା ପର୍ଯ୍ୟନ୍ତ ପଶି କରି ଭୂମିରେ ଠିଆ ହୁଏ ଓ ଘୋଡ଼ା ରୂପର ଆଗରୁ ଓ ପଛରୁ ଡୋରି ଲଟକା ଯାଏ । ମନୁଷ୍ୟ ଅଂଟା ଠାରୁ ନିମ୍ନ ଅଂଶ ଘୋଡ଼ା ଭିତରେ ଲୁଚି ଥାଏ ଓ ଅଂଟା ଠାରୁ ଉପର ଅଂଶ ଘୋଡ଼ା ଭିତରେ ବସିବା ପରି ଅନୁମତି ହୁଏ । ଏହି ବ୍ୟକ୍ତି ନାଚିବା ସଙ୍ଗେ ସଙ୍ଗେ ଘୋଡ଼ା ମଧ୍ୟ ନାଚେ । ଘୋଡ଼ାର ମୁହଁ ଆଡ଼େ ଲଗାମ ପରି କନା ଡୋରି ବନ୍ଧା ହୋଇଥାଏ । ଉକ୍ତ ଡୋରିକୁ ନଚାଇବା ବାଲା ଧରି ଘୋଡ଼ାର



ଲଗାମ ଧରିବାର ଅଭିନୟ କରେ । କେଉଟମାନେ ଏହି ପର୍ବ ଉପଲକ୍ଷେ ଚଢ଼େଇବା ଓ ଚଢ଼ଉଣୀ ବେଶ ହୋଇ ନାଚନ୍ତି ଓ ଗୀତ ବୋଲନ୍ତି । ଘୋଡ଼ା ନାଚରେ ଜଣେ ଲେଖାଏଁ ଗାୟକ, ପାଳିଆ, ଢ଼ୋଲକିଆ, ମହୁରିଆ, ରାଉତ, ରାଉତାଣୀ ଥାଆନ୍ତି । ଗାୟକ ବିଷୟବସ୍ତୁ ଗାଉଥିବା ବେଳେ ପାଳିଆ ପାଳି ଧରେ, ଢ଼ୋଲକିଆ ବାଜା ବଜାଏ ଓ ରାଉତ ସଜ୍ଜିତ କାଠଘୋଡ଼ା ଚଢ଼ି ରାଉତାଣୀ ସହ ନୃତ୍ୟ କରୁଥାଏ । ମା' ବାସେଳୀଙ୍କ ବନ୍ଦନାରୁ ଆରମ୍ଭ ହୁଏ ଘୋଡ଼ା ନାଚ । ପରେ ରାଧାକୃଷ୍ଣଙ୍କ ଲୀଳା, ଶିବ ପାର୍ବତୀଙ୍କ କାହାଣୀକୁ ଗୀତ ଓ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଏ । ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ବହି ନଥାଏ । କୈବର୍ତ ଗୀତା, କୈବର୍ତ ପୁରାଣ ଓ କୈବର୍ତ ସଂହିତାରୁ ବିଷୟବସ୍ତୁ ଉଦ୍ଧାର କରି ଗାୟକ ସେଗୁଡ଼ିକୁ ପାରମ୍ପରିକ ସ୍ୱରରେ ପଢ଼ିବା ଭଳି ଶବ୍ଦ ସଂଯୋଜନା କରି ସ୍ୱର ଦେଇଥାନ୍ତି ।

*ଶ୍ରୀବିହାର କଲୋନୀ, କଟକ : ୯୪୩୭୬୬୬୪୫୩*











# ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ୍-୨୦୦୫ ପ୍ରଶିକ୍ଷଣ କର୍ମଶାଳା

ବାରିପଦା : ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ବାରିପଦା ପକ୍ଷରୁ ଜିଲାସ୍ତରୀୟ ସୂଚନା ଅଧିକାର ଆଇନ-୨୦୦୫ ସମ୍ପର୍କିତ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଶେଷ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ସୂଚନା ଅଧିକାର ଆଇନ ଉପରେ ବିଶେଷ ମତ ରଖିଥିଲେ । ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶିଶିର କୁମାର ମୁଦୁୟା ପ୍ରଶିକ୍ଷଣ କର୍ମଶାଳାର ଉଦ୍ଦେଶ୍ୟ ଉପରେ ସମ୍ୟକ୍ ସୂଚନା ସହ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଏବଂ ବିଭିନ୍ନ ବିଭାଗୀୟ ଅଧକାରୀମାନଙ୍କୁ ସ୍ୱାଗତ କରିଥିଲେ ଓ କର୍ମଶାଳା ପରିଚାଳନା କରିଥିଲେ । ସୂଚନା ଅଧିକାର ଆଇନ ବିଶେଷଜ୍ଞ ରଶ୍ମିରଞ୍ଜନ ରାଉତ ଆଇନର ବିଭିନ୍ନ ଧାରା, ଆବେଦନ, ସମୟସୀମା ମଧରେ ତଥ୍ୟ ପ୍ରଦାନ, ସରକାରୀ ଓ୍ୱେବସାଇଟରେ ସ୍ୱେଚ୍ଛାକୃତ ଭାବେ ନିଜସ୍ୱ କାର୍ଯ୍ୟାଳୟର ୧୭ ପରିଶିଷ୍ଟ ତଥ୍ୟାବଳୀକୁ ନିୟମିତ ଅପଡେଟ, ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଓ ଅନୁସରଣ କରାଯାଉଥିବା ତଥ୍ୟ ଆଇନଗତ ପ୍ରକ୍ରିୟା, ଆବେଦନ ଶୁଳ୍କ ଓ ନକଲ ପ୍ରଦାନ ପାଇଁ ଧାର୍ଯ୍ୟ ହୋଇଥିବା ଅର୍ଥ ରାଶି ପାଇଁ ସ୍ୱତନ୍ତ୍ର ବ୍ୟାଙ୍କ ଖାତା, ତୃତୀୟ ପକ୍ଷ ଅଡିଟ ଉପରେ ବିଶେଷ ଆଲୋଚନା କରିଥିଲେ । ଏହାସହ ପିପିଆଇଟି ମାଧମରେ ପ୍ରଦର୍ଶିତ କରି ତାଲିମ ଦେଇଥିଲେ । ଏହି କର୍ମଶାଳାରେ ଜିଲାସ୍ତରୀୟ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ, ସହ ଜନ ସୂଚନା ଅଧିକାରୀ, ବିଭିନ୍ନ ମହାବିଦ୍ୟାଳୟର ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ରହି ସୂଚନା ଅଧିକାର ଆଇନ ଉପରେ ପ୍ରଶିକ୍ଷଣ ନେଇଥିଲେ । ଏହି ଅବସରରେ ସୂଚନା ଅଧିକାର ଆଇନ ଉପରେ' ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମହାବିଦ୍ୟାଳୟ ସ୍ତରୀୟ ଓଡିଆ ତର୍କ ପ୍ରତିଯୋଗିତାର ସଫଳ ହୋଇଥିବା ପ୍ରବୀଣ ପ୍ରଧାନ (୧ମ), ଜ୍ୟୋତିପ୍ରକାଶ ଶତପଥୀ(୨ୟ), ଶୁଭସ୍ମିତା ମହାନ୍ତ(୩ୟ) ଏବଂ ଇଂରାଜୀ ତର୍କ ପ୍ରତିଯୋଗିତାରେ ପ୍ରତ୍ୟୁଷା ପାତ୍ର (୧ମ), ପ୍ରତୀକ୍ଷା ପ୍ରୀୟଦର୍ଶିନୀ ପଣ୍ଡା (୨ୟ), ସ୍ୱୟଂପ୍ରଭା ବେହେରା(୩ୟ) ଙ୍କୁ ପ୍ରମାଣପତ୍ର ଓ ନଗଦ ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ଚିକିତ୍ସା ଅବହେଳାରୁ ପ୍ରସୂତି ମହିଳାଙ୍କ ମୃତ୍ୟୁ ଘଟଣା



ବାରିପଦା : ପିଆରଏମ ହସ୍ପିଟାଲରେ ଚିକିତ୍ସା ଅବହେଳା ଯୋଗୁଁ ପ୍ରସୂତି ମହିଳାଙ୍କ ମୃତ୍ୟୁ ହୋଇଛି । ଯାହାକୁ ନେଇ ବିଜେଡି ପକ୍ଷରୁ ପିଆରଏମ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଗା ଚରଣ ମାର୍ଣ୍ଡି, ସଦସ୍ୟ ଆନନ୍ଦ ଚରଣ ଟୁଡୁଙ୍କ ଉପସ୍ଥିତିରେ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା । କୁଳିଅଣା ଥାନା ଅନ୍ତର୍ଗତ ପୋଖରିଆ ଗ୍ରାମର ଦୁବାଇ ହାଁସଦାଙ୍କ ପତ୍ନୀ ବାଲ୍ମୀ ହାଁସଦାଙ୍କ ପ୍ରସବ ବେଦନା ହେବାରୁ ବୁଧବାର ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଛୁଆ ଜନ୍ମ ନିମନ୍ତେ ଗୁରୁବାର ଅସ୍ତ୍ରୋପଚାର ହୋଇଥିଲା । କିନ୍ତୁ ଅସ୍ତ୍ରୋପଚାର କରି ଗର୍ଭସ୍ଥ ଶିଶୁକୁ ଜନ୍ମ ସମୟରେ ପ୍ରସୂତି ମହିଳାଙ୍କ ମୃତ୍ୟୁ ହୋଇଛି । ଏହାସହିତ ଜନ୍ମସ୍ଥ ଶିଶୁ ପିଠିରେ କ୍ଷତ ଥିବା ବେଳେ ଗୁରୁତ୍ୱର ରହିଛି । ଅପରେସନ ହୋଇ ପ୍ରସବ ସରିବା ପରେ ଘଟଣା ବାବଦରେ ମହିଳାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ । ଅନଭିଜ୍ଞ କନିଷ୍ଠ ଡାକ୍ତର ଜଣକ ନିଶାଗ୍ରସ୍ତ ଅବସ୍ଥାରେ ପ୍ରସବ ଅସ୍ତ୍ରୋପଚାର କରିବାରୁ ମହିଳାଙ୍କ ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏହାସହିତ ଭୁଲ ଅସ୍ତ୍ରୋପଚାର ଯୋଗୁଁ ଜନ୍ମିତ ଶିଶୁର ଶରୀର ବିଭିନ୍ନ ସ୍ଥାନରେ କ୍ଷତ ହୋଇ ଷ୍ଟିଚ ପଡିଛି । ଶିଶୁର ଶରୀରରୁ ରକ୍ତପାତ ହୋଇ ଗୁରୁତର ଅବସ୍ଥାରେ ଏସଏନସିୟୁରେ ଚିକିତ୍ସିତ ହେଉଛି । ଯାହାକୁ ନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସମ୍ପୂର୍ଣ୍ଣ ଭାବେ ଅବହେଳାକୁ ଦାୟୀ କରି ପ୍ରତିବାଦ ପ୍ରଦର୍ଶନ କରାଯାଇଛି । ମୃତକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ, ଚିକିତ୍ସିତ ଶିଶୁର ଆସନ୍ତା ୬ମାସ ପର୍ଯ୍ୟନ୍ତ ସମସ୍ତ ଚିକିତ୍ସା ବ୍ୟବସ୍ଥା ହସ୍ପିଟାଲ କର୍ତ୍ତୃପକ୍ଷ ବହନ କରିବା ଓ ଡାକ୍ତରଙ୍କ କ୍ଷେତ୍ରରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏନେଇ ବିଜେଡିର ପ୍ରତିନିଧି ଦଳ ଦାବିପତ୍ର ସିଡିଏମଓଙ୍କୁ ପ୍ରଦାନ କରିଥିଲେ । ଘଟଣାସ୍ଥଳରେ ବାରିପଦା ଉପ ଜିଲ୍ଲାପାଳ ଦୟାସିନ୍ଧୁ ପରିଡା, ଏସଡିପିଓ ପ୍ରଭାତ ମଲ୍ଲିକ, ବାରିପଦା ତହସିଲଦାର ସପନ କୁମାର ସାହୁ, ପିଆରଏମ ମେଡ଼ିକାଲ କଲେଜ ଅଧିକ୍ଷକ ଡା ପ୍ରତିଭା ପଣ୍ଡା, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା ବିଜୟ କୁମାର ଦାସ, ବାରିପଦା ଟାଉନ ଥାନା ଅଧିକାରୀ କରୁଣାକର ରାଉତ ପ୍ରମୁଖ ପହଁଚି ଆଲୋଚନା କରିଥିଲେ । ମୃତକଙ୍କ ପରିବାରକୁ କ୍ଷତିପୂରଣ ନମିଳିବା ପର୍ଯ୍ୟନ୍ତ ପ୍ରତିବାଦରୁ ହଟିବେ ନାହିଁ ବୋଲି ବିଜେଡି ପକ୍ଷରୁ କୁହାଯାଇଥିଲା । ଦାବି ବାବଦରେ ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ପୂରଣ କରିବା ପ୍ରତିଶ୍ରୁତି ଦେଇଥିଲେ । ବର୍ତ୍ତମାନ ଜିଲ୍ଲା ପ୍ରଶାସନ ପକ୍ଷରୁ ୧ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ସହ ୬ମାସ ପର୍ଯ୍ୟନ୍ତ ଶିଶୁର ଚିକିତ୍ସା ଖର୍ଚ୍ଚ ବହନ ନେଇ ପ୍ରତିଶ୍ରୁତି ଦେଇଥିଲେ । ୨୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି ବୋଲି ଜିଲ୍ଲାପାଳ ଜଣାଇଛନ୍ତି । ଚିକିତ୍ସା ଅବହେଳା ଯୋଗୁଁ ଏହିପରି ପରିସ୍ଥିତି ସୃଷ୍ଟି ହୋଇଛି । ତେବେ ଆଗାମୀ ସପ୍ତାହକ ମଧ୍ୟରେ ଦାବି ପୂରଣ କରି କ୍ଷତିପୂରଣ ରାଶି ପ୍ରଦାନ ନହେଲେ ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ବିକ୍ଷୋଭରେ ରବୀନ୍ଦ୍ର କର, କରୁଣାକର କର, ପଂଚାୟତ ସମିତି ସଭ୍ୟ ରାଇସେନ ହେମ୍ବ୍ରମ, ସରପଂଚ ବାଇଧର କିସ୍କୁ, ସୁନାରାମ ମାର୍ଣ୍ଡି, ପରାଗ ରଞ୍ଜନ ମହାନ୍ତି, ମଂଟୁ ମହାନ୍ତ, ସୁଜିତ ନାୟକ, ମାଣିକ ହାଁସଦା, ରଜନୀ ମହାନ୍ତ, ଜହରଲାଲ ସିଂ ସମେତ ଅନ୍ୟାନ୍ୟ ପ୍ରମୁଖ ଗ୍ରାମବାସୀ ଓ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ତେଲୁଗୁ ନବବର୍ଷ 'ଉଗାଦି' ପାଳିତ



କଟକ :(ନି.ପ୍ର) ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର, ସଂସ୍କୃତି ପରମ୍ପରା ଓ ଭାଇଚାରା ବଜାୟ ରଖିଥିବା କଟକ ସହରରେ ତେଲୁଗୁ ସମ୍ପ୍ରଦାୟର ବଡ ପର୍ବ 'ଉଗାଦି" ତେଲୁଗୁ ନବବର୍ଷ ଉତ୍ସବ କଟକର ବିଶିଷ୍ଟ ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ସଂଗଠନ ଐକ୍ୟତା ଆନୁକୂଲ୍ୟରେ ଷ୍ଟାଡିୟମ ସ୍ଥିତ ବାରବାଟୀ ପ୍ୟାଲେସ୍ ପ୍ରାଙ୍ଗଣରେ ୨୯ତମ ଉଗାଦି ଆନନ୍ଦ ଉଲ୍ଲାସରେ ପାଳିତ ହୋଇ ଯାଇଛି । ଐକତା ସଂଘର ଚ୍ୟାୟାରମ୍ୟାନ୍ ବି.ସୁବାସ ନାୟିଡୁ, ସଭାପତି କେ. ଦୁର୍ଗାପ୍ରସାଦ କ୍ରୀଡାବିତ୍ କୁମାରୀ ଦୂତୀ ଚାନ୍ଦ୍ , ୧୭ନମ୍ବର ୱାର୍ଡର କର୍ପୋରେଟର ଶ୍ରୀମତୀ ଏ ଶ୍ରୀ ଦେବୀ, ଆବାହକ ଜୀ.କୈଳାସ ରାଓ, ବରିଷ୍ଠ ଆଇନଜୀବୀଶ୍ରୀ ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଉଗାଦିର ଶୁଭକାମନା ଜଣାଇ ଥିଲେ । ଏହି ଅବସରରେ ରାଶିଫଳ ପଢାଯାଇ ଷଡରତୁର ଉଗାଦି ଚଟଣି ସମସ୍ତଙ୍କ ମଧ୍ୟରେ ବିତରଣ କରାଯାଇଥିଲା । । ଉକ୍ତ କାର୍ଯ୍ୟକ୍ରମରେ ସର୍ବପ୍ରଥମେ ସ୍ଥାନୀୟ ବିଭିନ୍ନ ସାହିର ନୃତ୍ୟ ପ୍ରତିଯୋଗୀତା, କୁନି କୁନି ପିଲାମାନଙ୍କ ଦ୍ୱାରା ଓଡିଶୀ, କୁଚିପୁଡି, ଲୋକନୃତ୍ୟ ପରିବେଷଣ ହୋଇଥିଲା । ସଂଘର ସାଧାରଣ ସମ୍ପାଦକ ଆଇ.ସୁବ୍ରମନ୍ୟମ୍ ଉକ୍ତ କାର୍ଯ୍ୟକ୍ରମରେ ଆସିଥିବା ଅତିଥି ମାନଙ୍କୁ ମଂଚାସିନ ଓ ପରିଚୟ ପ୍ରଦାନ କରିଥିବାବେଳେ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ତଥା ମାଗଣା ଦାତବ୍ୟ ଚିକିତ୍ସାଳୟ ଓ ମାଗଣା କମ୍ପ୍ୟୁଟର ଶିକ୍ଷା ପ୍ରଦାନ ଆଦି ବିଷୟରେ ବିବରଣୀ ପାଠ କରିବା ସହ ଆଗାମୀ ଦିନରେ ଐକ୍ୟତା ସଭାଗୃହର ଉପର ମହଲାରେ ଦକ୍ଷତା ବିକାଶ ଓ ନାରୀ ସଶକ୍ତିକରଣ ପାଇଁ ଉତ୍ସର୍ଗ କରାଯିବ ବୋଲି ସର୍ବସାଧାରଣରେ ପ୍ରକାଶ କରିଥିଲେ । ଉକ୍ତ ସଭାକାର୍ଯ୍ୟକୁ ଆନ୍ତର୍ଜାତିକ ମହିଳା କ୍ରୀଡାବିତ୍ କୁମାରୀ ଦୂତୀ ଚାନ୍ଦ୍ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିବା ବେଳେ ମହାଆଡମ୍ବରରେ ସମ୍ବର୍ଦ୍ଧନା ଦିଆ ଯାଇଥିଲା । ଇଂ. ସୋଫିଆ ଫିରଦୋଷ ଉପସ୍ଥିତ ଥିଲେ । ଅନ୍ୟତମ ଅତିଥିଭାବେ କଟକି କଟକ ମୁନିସିପାଲଟି ମେୟର, ଶ୍ରୀ ସୁବାଷ ସିଂହ ଐକ୍ୟତାର ସମାଜସେବା ଶେଷରେ ଐକ୍ୟତା ସଂଘର ଆବାହକ ,ବରିଷ୍ଠ ସଭ୍ୟ ଜି କୈଳାଶ ରାଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୟାଗଡ଼ରେ କୃତ୍ରିମ ବୁଦ୍ଧିମତା (AI) ଉପଯୋଗ କର୍ମଶାଳା ଅନୁଷ୍ଠିତ




ନୟାଗଡ଼: ପ୍ରଶାସନିକ କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ଜନସାଧାରଣଙ୍କୁ ସ୍ୱଚ୍ଛ ଓ ତ୍ୱରିତ ସେବା ଯୋଗାଇଦେବା ଲକ୍ଷ୍ୟରେ ଡଉଇଉ ଦ୍ୱାରା ନୟାଗଡ଼ ଜିଲ୍ଲା ପ୍ରଶାସନ ପାଇଁ ଏକ ଦିନିକିଆ କୃତ୍ରିମ ବୁଦ୍ଧିମତା (AI) ଉପଯୋଗ କର୍ମଶାଳା ସ୍ଥାନୀୟ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି । ଆଧୁନିକ ଯୁଗରେ ଟେକ୍ନୋଲୋଜିର ବ୍ୟବହାର କରି କିପରି ସରକାରୀ କାର୍ଯ୍ୟକୁ ଅଧିକ ସରଳ କରାଯାଇପାରିବ, ସେ ନେଇ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଏବଂ ବିଜୟାନନ୍ଦ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କର୍ମଶାଳା ପରିଚାଳିତ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ବିଭାଗର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ । ଏହି କର୍ମଶାଳାରେ ରିସୋର୍ସ ପର୍ସନ ଭାବରେ ଶୁଭମ ଚୌଧୁରୀ ଏବଂ ରାକେଶ କୁମାର ପରିଡ଼ା ଯୋଗଦେଇଥିଲେ । ସେମାନେ ପ୍ରଶାସନିକ କ୍ଷେତ୍ରରେ ବ୍ୟବହୃତ ହେଉଥିବା ବିଭିନ୍ନ ଇଓ ଟୁଲ୍ସ ଏବଂ ସଫ୍ଟୱେର ବ୍ୟବହାରିକ ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଧାରଣା ଦେଇଥିଲେ । ଡାଟା ମ୍ୟାନେଜମେଂଟ ଠାରୁ ଆରମ୍ଭ କରି ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ AI ର ଭୂମିକା ଉପରେ ସେମାନେ ଆଲୋକପାତ କରିଥିଲେ । ଓକାକ୍ (OCAC) ସୌଜନ୍ୟରୁ ଓକେସିଏଲ (OKCL) ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓକେସିଏଲର ନୟାଗଡ଼ ଜିଲ୍ଲା ସଂଯୋଜକ ପ୍ରତାପ କୁମାର ମହାନ୍ତି ପରିଚାଳନାଗତ ସହାୟତା ପ୍ରଦାନ କରିଥିଲେ । କର୍ମଶାଳାଟିକୁ ସୁଶୃଙ୍ଖଳିତ ଭାବେ ସମାପନ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଯେ, ଆଗାମୀ ଦିନରେ ପ୍ରଶାସନିକ କ୍ଷେତ୍ରରେ ଇଓ ର ବ୍ୟବହାର ଅପରିହାର୍ଯ୍ୟ । ଏହାଦ୍ୱାରା କେବଳ ସମୟ ବଂଚିବ ନାହିଁ, ବରଂ ଜନ ସାଧାରଣଙ୍କ ସମସ୍ୟାର ସମାଧାନ କ୍ଷେତ୍ରରେ ଏକ ନୂତନ ବିପ୍ଳବ ଆସିପାରିବ ।

# ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ଇଂଟର୍ନସିପ୍ ଓରିଏଂଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ



ନୟାଗଡ଼: ସ୍ଥାନୀୟ ନୟାଗଡ଼ ପ୍ରଜାମଣ୍ଡଳ ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷା ନୀତି ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମାର୍ଗଦର୍ଶିକା ଅନୁଯାୟୀ ଚତୁର୍ଥ ସେମିଷ୍ଟାର ଛାତ୍ରୀମାନଙ୍କ ପାଇଁ ଏକ 'ଇଂଟର୍ନସିପ୍ ଓରିଏଂଟେସନ୍' କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ୟୁଥ୍ ରେଡକ୍ରସ୍ ସଂଯୋଜିକା ଶ୍ରୀମତୀ ମୀନାକ୍ଷୀବାଳା ମିଶ୍ର ସଂଯୋଜନା କରିଥିବା ବେଳେ ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ ର ଲର୍ଣ୍ଣିଂ କୋଅର୍ଡିନେଟର ଶ୍ରୀ ଧୀରେନ୍ଦ୍ର କୁମାର ପଟ୍ଟନାୟକ ରିସୋର୍ସ ପର୍ସନ ଭାବେ ଯୋଗ ଦେଇଥିଲେ । ଶ୍ରୀ ପଟ୍ଟନାୟକ ଛାତ୍ରୀମାନଙ୍କୁ ଆଧୁନିକ ଯୁଗର ବିଭିନ୍ନ ବୈଷୟିକ କୌଶଳ ଯଥା- ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ , ୱେବ୍ ଡିଜାଇନ୍, ଟାଲି ଏବଂ ଆଡଭାନ୍ସଡ୍ ଏକ୍ସେଲ୍ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ସାମ୍ପ୍ରତିକ ସମୟରେ ଏହି ଡିଜିଟାଲ୍ କୌଶଳଗୁଡ଼ିକ କିଭଳି କ୍ୟାରିୟର ଗଠନରେ ସହାୟକ ହେବ, ସେ ନେଇ ସେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ କର୍ମଶାଳାରେ ମହାବିଦ୍ୟାଳୟର ୧୦୦ରୁ ଅଧିକ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀ ବାପି ନାୟକ, ବାଣୀ ବନ୍ଦନା ବିଶ୍ୱାଳ, ବିଭୂତି ମହାପାତ୍ର, ପି.କେ. ପାଣି, ପ୍ରଭାତ କୁମାର ନାୟକ ଏବଂ ମଧୁପର୍ଣ୍ଣା ସାମଲ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

# କୃଷକ ମଣ୍ଡଳୀ ବୈଠକ ଅନୁଷ୍ଠିତ

ଭଦ୍ରକ : ଜିଲ୍ଲା ତିହିଡି ବ୍ଲକ କୃଷି ସୂଚନା ପରାମର୍ଶ କେନ୍ଦ୍ରରେ କୃଷକ ଗୋଷ୍ଠି ପରାମର୍ଶଦାତା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଛି ।କୃଷି ଅଧିକାରୀ ଅମର ପ୍ରସାଦ ସାହୁ ଙ୍କ ପୌରହିତ୍ୟରେ ପ୍ରଶାସନ ଅଧିକାରୀ , କୃଷି ଉଦ୍ୟାନ ପ୍ରାଣୀ ମତ୍ସ୍ୟ ବିଭାଗର ଅଧିକାରୀମାନେ ଯୋଗ ଦେଇ ସରକାରୀ ଯୋଜନାରେ ଚାଷୀ ମାନେ ଉପକୃତ ହେବା ସହ ବିଭିନ୍ନ ଚାଷ କରି ଜୀବିକା ନିର୍ବାହ କରି ସ୍ୱାବଲମ୍ବୀ ହୋଇ ଅର୍ଥନୈତିକ ଅଭିବୃଦ୍ଧି ଘଟିବା ଉପରେ ପରାମର୍ଶ ଦେଇଥିଲେ । ଏଥିରେ ବିଭିନା ପଂଚାୟତ ର ଶତାଧିକ ଚାଷୀ ଓ କୃଷି ପ୍ରତିନିଧି ଯୋଗ ଦେଇଥିଲେ ।

# ଇଦ୍ ଉଲ୍ ଫିତର ପର୍ବ ମହାସମାରୋହରେ ପାଳିତ

ଭଦ୍ରକ ଜିଲ୍ଲା ଇଦ୍ ଗା , ପୁରୁଣାବଜାର, ଧାମନଗର , ସମେତ ଜିଲ୍ଲାର ୧୪୬ ଟି ମସଜିଦ ରେ ଇଦ୍ ଉଲ୍ ଫିତର ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି । ଭଦ୍ରକ ସହରାଂଚଳ ଗ୍ରାମାଂଚଳ ସମେତ ଧାମନଗର ବାସୁଦେବପୁର , ବନ୍ତ , ଧାମରା , ଧୁଷୁରି, ତିହିଡି , ଆଗରପଡା , ପୀରାହାଟ , ଚାନ୍ଦବାଲି ଏବଂ ଭଣ୍ଡାରି ପୋଖରୀ , ଏପରି ଜିଲ୍ଲାର ୧୪୬ ଟି ମସଜିଦରେ ହଜାର ହଜାର ସଂଖ୍ୟାରେ ସଂଖ୍ୟା ଲଘୁ ବ୍ୟକ୍ତି, ଯୋଗ ଦେଇ ନମାଜ ପାଠ, ସାମୁହିକ ପ୍ରାର୍ଥନା, କରି ପରସ୍ପର ଇଦ୍ ଶୁଭେଚ୍ଛା ଜଣାଇ ଥିଲେ । ଜିଲ୍ଲାପ୍ରଶାସନ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଏହି ପର୍ବ ଖୁସି ତ୍ୟାଗ, ସ୍ନେହ, ପ୍ରୀତି ଭାଇଚାରାର ପବିତ୍ର ଇଦ୍ ସୋହାର୍ଦ୍ଧ୍ୟ ପୂର୍ଣ୍ଣ ବାତାବରଣରେ ପାଳିତ ହୋଇଛି । ବିଭିନ୍ନ ମସଜିଦ ରେ ବିଭିନ୍ନ ବର୍ଗର ବ୍ୟକ୍ତି , ଜନ ପ୍ରତିନିଧି, ଯୋଗ ଦେଇ ଇଦ୍ ଶୁଭେଚ୍ଛା ଜଣାଇ ଥିଲେ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମନୋଜ ରାଉତ କହିଛନ୍ତି ଇଦ୍ ପର୍ବ ପାଇଁ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ବରିଷ୍ଠ ଶ୍ରଦ୍ଧାଳୁ ଅବଦୁଲ ମୋକିଦ ଖାଁ କହିଛନ୍ତି ଇଦ୍ ପର୍ବ ତ୍ୟାଗ ଆନନ୍ଦର ଉତ୍ସବ ଓ ଭାଇଚାରା ରେ ସମସ୍ତଙ୍କୁ ଏକଜୁଟ କରାଇବାରେ ଅତୁଟ ରହିବ ।

# ଜୈନ ଭବନ ଠାରେ ଏକ ଆଧ୍ୟମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ

ବଲାଙ୍ଗିର : ସ୍ଥାନୀୟ ଜୈନ ଭବନ ଠାରେ ଟିଟିଲାଗଡ ବିପାସନା ଧାନକେନ୍ଦ୍ର ତରଫରୁ ଏକ ଆଧ୍ୟମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ମୁଖ୍ୟବକ୍ତା ଭାବେ ସୁଦୂର ଗୁଜୁରାଟ ରାଜ୍ୟର ରାଜକୋଟରୁ ଗୁରୁଜୀ ରାଜୁଭାଇ ମେହେଟା ଆସି ଆଧାତ୍ମିକ ପ୍ରବଚନ ଦେଇଥିଲେ । ଏହି ଆଧ୍ୟମିକ ପ୍ରବଚନ ଶୁଣିବାକୁ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ସହ ବିଭିନ୍ନ ମହିଳା ସଙ୍ଗଠନର ସଦସ୍ୟମାନେ ସାମିଲ ହୋଇ ଥିଲେ । ଯେଉଁମାନେ ଏହି ସଂଧାରେ ପ୍ରବଚନ ଶୁଣୁ ଥିଲେ ସେମାନଙ୍କ କହିବାନୁଯାୟୀ ଏହି ପ୍ରବଚନ ଶୁଣି ନିଜ ଜୀବନକୁ କିପରି ପରିବର୍ତନ କରି ଶାନ୍ତିରେ ଜୀବନ ବିତାଇ ହେବ ସେ ବିଷୟରେ ଆମେ ଜ୍ଞାନ ଆହରଣ କରିବାକୁ ପାଇଲୁ ବୋଲି କହିଛନ୍ତି । ଟିଟିଲାଗଡ ବିପାସନା କେନ୍ଦ୍ରର ସଭାପତି ଅଶୋକ ସିହ୍ନା, ସମ୍ପାଦକ ଦୀପକ ନାୟକ, ସଦସ୍ୟ ପ୍ରଦୀପ ଜୈନ, କୈଳାସ ଜୈନ, ବିକାଶ ପାଢୀ ପ୍ରମୁଖ ସହଯୋଗ କରି ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ନାରାୟଣୀ ଇସ୍ପରାଜୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଜାତୀୟ ସ୍ତରରେ ସଫଳତା

ଜୟପୁର : ନାରାୟଣୀ ଇସ୍ପରାଜୀ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ପୁନର୍ବାର ଜାତୀୟ ସ୍ତରରେ ସଫଳତା ହାସଲ କରିଛନ୍ତି । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଓଲମ୍ପିଆଡ ପରୀକ୍ଷା ଦେଇ ୭ମ ଶ୍ରେଣୀର୍ଦ୍ଧାଇ ସରନ୍ୟା,ଦ୍ୱିତୀୟ ଶ୍ରେଣୀର ଆର.ରେମୋନା, ଏବସ୍ପ ଅଷ୍ଟମ ଶ୍ରେଣୀର କେ. ସାଇଚରଣ ଜାତୀୟ ସ୍ତରରେ ସ୍ୱର୍ଣ୍ଣପଦକ ଅର୍ଜନ କରିଛନ୍ତି । ଏଥିସହ ନର୍ସରୀ,ଏଲ.କେ.ଜି ଏବସ୍ପ ୟୁକେଜି ଶ୍ରେଣୀର ୨୮ଜଣ ଛାତ୍ରଛାତ୍ରୀ ମଧ ସ୍ୱର୍ଣ୍ଣ ପଦକ ପାଇଛନ୍ତି । ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଶେଷ୍ ସମ୍ମାନ ସଭା ଅନୁଷ୍ଠିତ ହୋଇଥିଲା । ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଅନିକେତ ପଟ୍ଟନାୟକ ଓ ଅଧକ୍ଷା ସୁଚିସ୍ମିତା ପଟ୍ଟନାୟକ ବିଜେତା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଭାଇସ ପ୍ରିନିସିପାଲ ପ୍ରିୟଙ୍କା ମହାରଣା ପରିଚାଳନା କରିଥିଲେ । ଛାତ୍ର ଛାତ୍ରୀଙ୍କ ଏହି ସଫଳତା ପଛରେ ଶିକ୍ଷକ ମାନଙ୍କ ଅବଦାନ ବହୁତ ରହିଛି । ସ୍କୁଲର ଅଧକ୍ଷା ନାରାୟଣୀ ପଟ୍ଟନାୟକ ଏବସ୍ପ ଉପ ଅଧକ୍ଷ ପିୟୁଷ ପଟ୍ଟାୟକ ଛାତ୍ର ଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ରାଜ୍ୟସ୍ତରରେ କୃତିତ୍ୱ କରିବା ପରେ ନାରାୟଣୀ ଇସ୍ପରାଜୀ ବିଦ୍ୟାଳୟର ଶିକ୍ଷାର ମାନ ବଢିଛି ବୋଲି ଅଧକ୍ଷ ପ୍ରକାଶ କରିଛନ୍ତି ।

# ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ସାମୁହିକ ନିଶୁଳ୍କ ବ୍ରତୋପନୟନ

ବଲାଙ୍ଗିର : ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ବ୍ରହ୍ମଣ ସନ୍ତାନମାନଙ୍କୁ ସାମୁହିକ ଶିଶୁଳ୍କ ବ୍ରତୋପନୟନ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ରୀ ଶ୍ରୀ ନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦିର୍ଘ ୪୦ ବର୍ଷ ହେବ ଜିଲ୍ଲା ବ୍ରାହ୍ମଣ ମହାସଭା ତରଫରୁ ଏହି ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ ହୋଇଆସୁଅଛି । ବଲାଙ୍ଗିର ଜିଲ୍ଲା ବିଭିନ୍ନ ବ୍ଲକ ଓ ଅନ୍ୟାନ୍ୟ ଜିଲ୍ଲାରୁ ମଧ ବ୍ରାହ୍ମଣ ବାଳକମାନେ ବ୍ରତୋପନୟନ ପାଇଁ ଦରଖାସ୍ତ କରିଥାନ୍ତି ତାହା ଦୁଇ ଜଣ ବ୍ରାହ୍ମଣ ଦେବତା ଚିହ୍ନଟ କରି ସୁପାରିଶ କରିବା ପରେ ମହାସଭାର କାର୍ଯ୍ୟକାରୀ ପରିଷଦ ଦ୍ୱାରା ଚୁଡାନ୍ତ ନିଷ୍ପତି ହୋଇଥାଏ । ଚଳିତ ବର୍ଷ ୧୪ ଜଣ ବ୍ରାହ୍ମଣ ବାଳକ (ବଟୁ) ବ୍ରତୋପନୟନ ହୋଇଛନ୍ତି । ମାର୍ଚ୍ଚ ୧୫ ତାରିଖ ରେ ଚାରି କର୍ମ ହୋଇଥିବା ବେଳେ ୧୬ ତାରିଖରେ ବ୍ରତୋପନୟ କରାଯାଇଥିଲା । ଏହି ଅବସରରେ ବଲାଙ୍ଗିର ପୌର ପରିଷଦର ଅଧକ୍ଷା ଲିକା ସାହୁ, ସମାଜସେବୀ ଗୋପାଳଜୀ ପାଣିଗ୍ରାହୀ ସମେତ ଅନ୍ୟାନ୍ୟ ବର୍ଗର କର୍ମକର୍ତ୍ତା ତଥା ବିଶିଷ୍ଟ ସ୍ୱତନ୍ତ୍ର ନିମନ୍ତ୍ରିତ ବ୍ୟକ୍ତି ଯୋଗ ଦେଇଥିଲେ । ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମକୁ ପଣ୍ଡିତ ସନ୍ତୋଷ ମିଶ୍ର, ଗୋକୁଳା ମିଶ୍ର, ମୁଖ୍ୟ ଆଚାର୍ଯ୍ୟ ଏବଂ ପଣ୍ଡିତ ଭୋଜରାଜ ଦାଶ, ରଘୁନାଥ ଶତପଥି, ଗୁରୁଜି ଆନନ୍ଦ ମିଶ୍ର, ସୋମନାଥ ମିଶ୍ର, ରଜନୀ ଦାଶ, ସୁରେଶ ଚନ୍ଦ୍ର ପଣ୍ଡା, କାର୍ତିକ ପଣ୍ଡା, ନରେନ୍ଦ୍ର ମହାପାତ୍ର, ପ୍ରମୋଦ ପଣ୍ଡା, ଗୋବିନ୍ଦ ପାଣି, ସୌମ୍ୟ ମିଶ୍ର ଓ ଆନନ୍ଦ ମିଶ୍ର ସହଯୋଗୀ ଆଚାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ । ସମ୍ପୁର୍ଣ୍ଣ ବୈଦିକ ରୀତିନୀତି ଅନୁଯାୟୀ ଏହି ବ୍ରତୋପନୟନ କାର୍ଯ୍ୟକ୍ରମ ପାଳନ କରାଯିବା ସଙ୍ଗେ ସଙ୍ଗେ ସହର ତଥା ବିଭିନ୍ନ ଅଂଚଳରୁ ୪୦୦ ପାଖାପାଖି ବ୍ରାହ୍ମଣ ପରିବାର ଯୋଗଦାନ କରି ଉପରୋକ୍ତ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳା ସହିତ ସାଫଲ୍ୟ ମଣ୍ଡିତ କରିଥିଲେ । ଅପରାହ୍ନ ୪ ଘଂଟା ସମୟରେ ସମସ୍ତ ବଟୁଧାରୀ ଙ୍କ ସହିତ ବ୍ରାହ୍ମଣ ମହାସଭାର ସମସ୍ତ ସଭ୍ୟ/ ସଭ୍ୟା ଏବଂ ନିମନ୍ତ୍ରିତ ପରିବାର ବର୍ଗମାନେ ମିଶି ରୋଷାଣି କାର୍ଯ୍ୟକ୍ରମ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ । ଏପରି ନିଶୁଳ୍କ ସାମୁହିକ ବ୍ରତୋପନୟନ ଓ ବ୍ରାହ୍ମଣ ସମାଜର ପବିତ୍ର ଓ ମହତ କାର୍ଯ୍ୟକ୍ରମକୁ ସହରର ଜନସାଧାରଣ ଭୁୟସି ପ୍ରଶଂସା କରିବା ସହିତ ଶୁଭେଚ୍ଛା ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବ୍ରାହ୍ମଣ ମହାସଭାର ଉପଦେଷ୍ଟା ଜୟରାମ ମିଶ୍ର, ପର୍ଶୁରାମ ନାୟକ, ଶିବ ଶଙ୍କର ଖୁଆସ, ଲୋକନାଥ ନେପାକ, ବିଶେଷ କରି ସଭାପତି ପ୍ରାଣ ବଲ୍ଲଭ ତ୍ରିପାଠି, ସଂପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟ, ଉପ-ସଭାପତି କିଶୋର ପୁରୋହିତ, ସୁଶ୍ରୀ ରାଜଶ୍ରୀ ତ୍ରିପାଠି, ସହ-ସଂପାଦକ ସଂକିର୍ତନ ତ୍ରିପାଠି, କୋଷାଧକ୍ଷ ରାଜେନ୍ଦ୍ର ମିଶ୍ର, ସଂଗଠନ ସଂପାଦକ ସୋମନାଥ ମିଶ୍ର, ସହରାଂଚଳ ସଭାପତି ରାକେଶ ପଣ୍ଡା, ସଦସ୍ୟ ଶିବ ନାରାୟଣ ରଥ, ସନ୍ତୋଷ ତ୍ରିପାଠି, ଜଗଦିଶ ନାଥ, ସୁରେଶ ମିଶ୍ର, ସୁବ୍ରତ ରଂଜନ ମିଶ୍ର, ସୁବାଷ ଶତପଥି, ଗିରିଶ ପଣ୍ଡା, ନିହାରିକା ମିଶ୍ର ସମେତ ସମାଜର ଅନ୍ୟାନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ

# ନବ ଦିନାତ୍ମକ ବାସନ୍ତିକ ପୂଜା ପ୍ରସ୍ତୁତି

ବଲାଙ୍ଗୀର: ପାଟଣା ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ପାଟଣେଶ୍ୱରୀ ପୀଠରେ ନବ ଦିନାତ୍ମକ ବାସନ୍ତିକ ପୂଜା ଆସନ୍ତା ୧୯ ତାରିଖରୁ ୨୭ ପର୍ଯ୍ୟନ୍ତ ୯ ଦିନ ବ୍ୟାପି ଦେବୀଙ୍କର ପ୍ରତିଦିନ ଚଣ୍ଡିପାଠ ଓ ହୋମଯଜ୍ଞ ଅନୁଷ୍ଠିତ ହେବ । ଗୁରୁବାର ଦିନ କଳସ ସ୍ଥାପନ, ନବ ଦିନାତ୍ମକ ଅଖଣ୍ଡ ଦୀପ ପ୍ରଜ୍ୱଳନ ପ୍ରତିପଦ ବହିତ ଶୈଳପୁତ୍ରୀ ଦେବୀ ପୂଜା, ଶୁକ୍ରବାର ଦିନ ଦ୍ୱିତୀୟା ବିହିତ ବ୍ରହ୍ମଚାରିଣୀ ଦେବୀ ପୂଜା, ଶନିବାର ତୃତୀୟା ବହିତ ଚନ୍ଦ୍ରଘଂଟା ଦେବୀ ପୂଜା, ରବିବାର ଚତୁର୍ଥୀ ବହିତ କୁଷ୍ମାଣ୍ଡା ଦେବୀ ପୂଜା, ସୋମବାର ପଂଚମୀ ବହିତ ସ୍କନ୍ଦମାତା ଦେବୀ ପୂଜା, ଷଷ୍ଠୀ ବହିତ କାତ୍ୟାୟନୀ ଦେବୀ ପୂଜା, ମଙ୍ଗଳବାର ସପ୍ତମୀ ବିହିତ କାଳରାତ୍ର ଦେବୀପୂଜା, ତ୍ରଦିନାତ୍ମକ ଅଖଣ୍ଡ ଦୀପ ପ୍ରଜ୍ୱଳନ, ବୁଧବାର ପୀଠେ ମହାଷ୍ଟମୀ ମହାଗୌରୀ ଦେବୀ ପୂଜା, ଗୁରୁବାର ଦିବା ଘ.୧୧.୨୪ମି. ରୁ ଘ.୧୨.୧୨ମି. ମଧ ସନ୍ଧିପୂଜା ପୀଠେ ମହାନବମୀ ବହିତ ସିଦ୍ଧିଦାତ୍ରୀ ଦେବୀ ପୂଜା, ଶୁକ୍ରବାର ପୀଠେ ଦଶମୀ ପୂଜା , ହୋମ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ । ପ୍ରତିଦିନ ମହାଆଳତି ଏବଂ ଭକ୍ତମାନଙ୍କର କିଭଳି ଦର୍ଶନ କରିପାରିବେ ତାହା ନେଇ ଦେବାଳୟ ସୁରକ୍ଷା କମିଟି ନିଷ୍ପତି ନେଇଥିବା ବେଳେ ମନ୍ଦିର ପୂଜକ ମଳୟ ଦିଶ୍ରୀ, ଅଭିନାଶ ଦିଶ୍ରୀ ଓ ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର, ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧକ୍ଷ ରଂଟୁ ସାହୁ, ସହ-ସଂପାଦକ ଶମ୍ଭୁ ଶତପଥି ଉପସ୍ଥିତ ଥିଲେ ।




# ମାଆ ବିରଜାଙ୍କ ଆଜ୍ଞା ମାଳ ନେଇ ଯଯାତି ମହୋତ୍ସବ ଆରମ୍ଭ



ଯାଜପୁର(ନିପ୍ର): ଐତିହ୍ୟ ଓ ପରମ୍ପରାର ଅନନ୍ୟ ସମନ୍ୱୟରେ ଶୁଭାରମ୍ଭ ହୋଇଛି ବହୁ ପ୍ରତୀକ୍ଷିତ 'ଯଯାତି–୨୦୨୬' ଏବଂ 'ସୁଭଦ୍ରା ଶକ୍ତି ଓ ପଲ୍ଲିଶ୍ରୀ ମେଳା'। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ, ଶକ୍ତିପୀଠ ଅଧିଶ୍ୱରୀ ମା' ବିରଜାଙ୍କ ପବିତ୍ର ପୂଜାଅର୍ଚ୍ଚନା ଓ 'ଆଜ୍ଞାମାଳ' ପ୍ରାପ୍ତି ସହ ଏହି ଭବ୍ୟ ମହୋତ୍ସବର ଶୁଭ ଶଙ୍ଖନାଦ କରାଯାଇଛି। ମା'ଙ୍କ ମନ୍ଦିର ପରିସରରୁ ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀଙ୍କ ନେତୃତ୍ୱରେ ଏକ ବିରାଟ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରିଥିଲା। ଘଂଟଘଂଟା, ଶଙ୍ଖଧ୍ୱନି ଏବଂ 'ଜୟ ମା' ବିରଜା' ଧ୍ୱନିରେ ସମଗ୍ର ପରିବେଶ ଏକ ଆଧ୍ୟାତ୍ମିକ ଶିହରଣ ସୃଷ୍ଟି କରିଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀଙ୍କ ଦ୍ୱାରା ମା'ଙ୍କ ପବିତ୍ର ଆଜ୍ଞାମାଳକୁ ପ୍ରଶାସନିକ ଭବନ ପଡ଼ିଆରେ ନିର୍ମିତ ଭବ୍ୟ ରଙ୍ଗମଂଚ ପର୍ଯ୍ୟନ୍ତ ଅଣାଯାଇ ଥିଲା। ମନ୍ତ୍ରୋଚ୍ଚାରଣ ଓ ଶାସ୍ତ୍ରୀୟ ବିଧି ବିଧାନ ମଧ୍ୟରେ ଆଜ୍ଞାମାଳକୁ ରଙ୍ଗମଂଚରେ ସ୍ଥାପନ କରାଯିବା ପରେ 'ଯଯାତି–୨୦୨୬' ମହୋତ୍ସବର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗର ଅଧିକାରୀ, ସ୍ଥାନୀୟ ମହିଳାମାନଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ଏହି ଶୋଭାଯାତ୍ରାର ଶୋଭାକୁ ଦ୍ୱିଗୁଣିତ କରିଥିଲା।

# ବିଶ୍ୱ ପଖାଳ ଦିବସ ପାଳିତ



ନୂଆପଡ଼ା(ନିପ୍ର): ଓଡ଼ିଶା ର ମହନୀୟ ଖାଦ୍ୟ ସଂସ୍କୃତି, ବହୁ ସମୃଦ୍ଧ ପରମ୍ପରା ଏବଂ ଭବ୍ୟ ଓ ଦିବ୍ୟ ଜଗନ୍ନାଥଙ୍କ ସ୍ୱାଦିଷ୍ଟ ବ୍ୟଞ୍ଜନ ନେଇ ବିଶ୍ୱ ଦରବାର ରେ ଓଡ଼ିଶା ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ସେଥିମଧ୍ୟରୁ ପଖାଳ ଅନ୍ୟତମ ଅଟେ। ପ୍ରତ୍ୟେକ ପରିବାର ପ୍ରତ୍ୟେକ ବର୍ଗର ଲୋକଙ୍କ ସହ ଜଡ଼ିତ ଅଟେ। ବର୍ତ୍ତମାନ ବିଭିନ୍ନ ସ୍ଥାନ ରେ ବେଶ୍ ପସନ୍ଦ କରୁଥିବା ବେଳେ ଔଷଧୀୟ ଗୁଣ, ପୁଷ୍ଟିକର ଏବଂ ସୁସ୍ଥ ରହିବାର କ୍ଷମତା ରହିଅଛି। ପଖାଳକୁ ସାମାନ୍ୟ, ସହଜ ଏବଂ ସରଳ ଭାବରେ ଗ୍ରହଣ କରୁଥିବା ବେଳେ ଅନେକ ଆତ୍ମାତୃପ୍ତି ପ୍ରାପ୍ତ ହୋଇଥାଏ। ପ୍ରଭୁ ଜଗନ୍ନାଥ ଙ୍କ ପ୍ରିୟ ଖାଦ୍ୟ ସହ ସମଗ୍ର ଓଡ଼ିଶା ବାସୀଙ୍କ ପ୍ରିୟ ଖାଦ୍ୟ ଅଟେ। ଏଣୁ ନୂଆପଡ଼ା ଜିଲ୍ଲା ବୋଡ଼େନ ବିଜୁପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଛଅ ତୁନ ନଅ ଭଜା କରି ସୁନ୍ଦର ଭାବରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସହ ନୂଆପଡ଼ା ଜିଲ୍ଲା ଇ ଟିଭି ସାମ୍ବାଦିକ ମୋତିଲାଲ ବାଗ, କାମୀୟାବ ସାମ୍ବାଦିକ ବିଶିକେଶନ ପଣ୍ଡା ଓ ନୂଆପଡ଼ା ଜିଲ୍ଲା କୋଣାର୍କ ଟିଭି ସାମ୍ବାଦିକ ଚନ୍ଦ୍ର ଶେଖର ବେହେରାଙ୍କୁ ନିମନ୍ତ୍ରଣ ଥିବାରୁ ସମସ୍ତଙ୍କ ସହ ମିଶି ଓଡ଼ିଆ ପଖାଳ ଭାତ ସହ ସୁ ସ୍ୱାଦୁ ବ୍ୟଞ୍ଜନ ଖାଇ ଆତ୍ମ ତୃପ୍ତି ଲାଭ କରିଛନ୍ତି ବୋଲି କହୁଥିଲେ।

# ମାଙ୍ଗେଶ୍ୱରପୁର ଗ୍ରାମରେ ଜବର ଦଖଲ ଉଚ୍ଛେଦ

ସୋର(ନିପ୍ର): ସୋର ଥାନା ମୁଳିସିଂ ପଂଚାୟତ ମାଙ୍ଗେଶ୍ୱରପୁର ଗ୍ରାମରେ ହୋଇଥିବା ଏକ ଜବର ଦଖଲକୁ ଉଚ୍ଛେଦ କରାଯାଇଛି। ସୂଚନା ଅନୁସାରେ ଏହି ଗ୍ରାମରେ ଥିବା ଏକ ସରକାରୀ ଜମିରେ କିଛି ଲୋକ ଦୀର୍ଘଦିନ ଧରି ଜବରଦଖଲ କରିଥିଲେ। ଏନେଇ ଅଭିଯୋଗ ହେବା ପରେ ଆଜି ମଧ୍ୟାହ୍ନରେ ସୋର ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ ସୋର ପୁଲିସ ଓ ସୋର ଅଗ୍ନିଶମ ବିଭାଗର ସହଯୋଗରେ ଉକ୍ତ ଜବର ଦଖଲକୁ ଉଚ୍ଛେଦ କରିଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଆଖିଆଗରେ ରଖି ଏକ ପ୍ଲାଟୁନ ପୁଲିସ ଫୋର୍ସ ମୃତୟନ କରାଯାଇଥିଲା।

# ଚାଷୀଙ୍କ ଦୁର୍ଦ୍ଦଶା ଦେଖି ସରକାରୀ ଅଧିକାରୀଙ୍କୁ ତାଗିଦ

ନୀଳଗିରି(ନିପ୍ର): ନୀଳଗିରି କଂଗ୍ରେସ ବ୍ଲକ ସଭାପତି ତପନ କୁମାର ରାଉତ ମଣ୍ଡି ପରିଦର୍ଶନ କଲେ। ମଣ୍ଡିର ଅବ୍ୟବସ୍ଥା ଓ ଚାଷୀ ଙ୍କ ଦୁଃଖ ବୁଝିଲେ। ଧାନ ବିକ୍ରୀ ପାଇଁ ଏକ ମାସ ସମୟ ଦେବାକୁ ସରକାର ନିକଟ ରେ ଦାବୀ ରଖିଲେ। ଏଠାରେ ସୂଚନା ଯୋଗ୍ୟ, ଓଡ଼ିଶା ଡବଲ ଇଞ୍ଜିନ ସରକାର ରେ ଚାଷୀ ମାନଙ୍କ ଅବସ୍ଥା ବେଳକୁ ବେଳ ଶୋଚନୀୟ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ନୀଳଗିରି ର କଂଗ୍ରେସ ବ୍ଲକ ସଭାପତି ଶ୍ରୀ ରାଉତଙ୍କ ନେତୃତ୍ୱ ରେ ଏକ ଟିମ୍ ବିଭିନ୍ନ ଧାନ ମଣ୍ଡି ବୁଲି ଅବସ୍ଥା ଦେଖିବା ସହିତ ସରକାରୀ ଅଧିକାରୀ ଓ ସରକାର ଙ୍କ ଏହା ଚରମ ଅବହେଳା ବୋଲି କହିଛନ୍ତି। ନୀଳଗିରି ଉପଖଣ୍ଡ ରେ ଦୁଇଟି ଲ୍ୟାମ୍ପସ କାର୍ଯ୍ୟ କରୁଅଛି। ନୀଳଗିରି ଲ୍ୟାମ୍ପସ ଅଧୀନ ରେ, ୭ ଗୋଟି ଧାନ ମଣ୍ଡି ଖୋଲା ଯାଇଛି। ଯଥା: ମିତ୍ରପୁର, ମହିଷାପଟା, ଅଯୋଧ୍ୟା, ପୁନ୍ଦାଳ, କାଂଶ, ଆମ୍ବିକାପୁର, ସିଆଡିମାଳ, ସଜନଗଡ ମଣ୍ଡି କାର୍ଯ୍ୟ କରୁଥିବା ସମୟରେ, ଏଥିରୁ ମାତ୍ର ୩୦ ପ୍ରତିଶତ ଧାନ ସରକାର କିଣିଛନ୍ତି। ଅନ୍ୟ ପକ୍ଷରେ ମାଟିଆଳୀ ଲ୍ୟାମ୍ପସ ଅଧୀନ ରେ ୫ ଗୋଟି ମଣ୍ଡି ଖୋଲା ଯାଇଛି। ଯଥା:- ଯାମୁନା, ମାଟିଆଲି, ଛତ୍ରପୁର, ବରହମପୁର ଓ ତେନ୍ତୁଳିଆ ମଣ୍ଡି କାର୍ଯ୍ୟ କରୁଛି। ତେବେ ସୋସାଇଟି ଗୁଡ଼ିକ ରେ ୭୦/୮୦ ପ୍ରତିଶତ ଧାନ ଉଠି ସାରିଥିବା ବେଳେ, ମଣ୍ଡି ଗୁଡିକ ପ୍ରତି ସରକାର ଧ୍ୟାନ ଦେଉ ନଥିବାରୁ, ଆଜି ଚାଷୀ ମାନଙ୍କର ଏଭଳି ଦୁର୍ଦ୍ଦଶା ଦେଖିବାକୁ ମିଳିଛି। ଶେଷରେ, କଟନୀ ଛଟଣି ରେ ଅବ୍ୟବସ୍ଥା, ଗୋଦାମ ଗୃହ ଅଭାବ, ଗରିବ ଚାଷୀ ଧାନ ବିକ୍ରି କରି ନପାରିବା ଓ ଅସାଧୁ ଧାନ ବ୍ୟବସାୟୀ ଓ କର୍ମ ଚାରୀ ମାନଙ୍କ ଦ୍ୱାରା ଶୋଷିତ ହେ୍ୱା ଆଦି ଅଭିଯୋଗ ଶ୍ରୀ ରାଉତ ଅଭିଯୋଗ ଆଣିଛନ୍ତି। ଏହି ପରିଦର୍ଶନ ସମୟରେ ଶ୍ରୀ ରାଉତଙ୍କ ସହିତ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାମକୃଷ୍ଣ ଜେନା ଓ କଂଗ୍ରେସର ବହୁ ବରିଷ୍ଠ ନେତା ଓ କର୍ମୀ ମଣ୍ଡି କୁ ଯାଇ ଚାଷୀଙ୍କ ଦୁଃଖ ବୁଝିବା ଘଟଣାକୁ ସାଧାରଣ ରେ ପ୍ରଶଂସା କରାଯାଇଛି।

# ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଶିଳ୍ପ ଉଦ୍ୟୋଗୀ ତାଲିମ ଶିବିର ଉଦ୍‌ଯାପିତ

ବାଲିଆପାଳ(ନିପ୍ର): ବାଲେଶ୍ୱର ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ବାଲିଆପାଳ ବିଶ୍ୱାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତାଲିମ କେନ୍ଦ୍ର ପରିସରରେ ଚାଲିଥିବା ୧୨ଦିନିଆ ଶିଳ୍ପ ଉଦ୍ୟୋଗୀ ତାଲିମ ଶିବିର ୨୦୨୬ ଉଦଯାପିତ ହୋଇଯାଇଛି। ବାଲିଆପାଳ ବ୍ଲକ ଅତିରିକ୍ତ ଶିଳ୍ପ ଅଧିକାରୀ ଅମ୍ବୁଜ କୁମାର ମହାନ୍ତଙ୍କ ପରିଚାଳନାରେ ଅନୁଷ୍ଠିତ ତାଲିମ ଶିବିରରେ ବାଲେଶ୍ୱର ଜିଲ୍ଲା ଶିଳ୍ପ କେନ୍ଦ୍ର ଜିଏମ ସୂର୍ଯ୍ୟ କାନ୍ତ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ତାଲିମ ନେଇଥିବା ଯୁବକ ଯୁବତୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଜିଏମ ଶ୍ରୀ ବେହେରା ନିଜ ବକ୍ତବ୍ୟରେ କହିଥିଲେ ଯେ



ଯେଉଁମାନେ ୧୨ଦିନ ଧରି ତାଲିମ ଗ୍ରହଣ କଲେ ଆଗାମୀ ଦିନରେ ସେମାନେ ସମସ୍ତେ ନିଜେ ଜଣେ ଜଣେ ଶିଳ୍ପଦ୍ୟୋଗୀ ଭାବରେ ସମାଜରେ ଠିଆ ହୋଇ ନିଜେ ଆତ୍ମ ନିର୍ଭରଶୀଳ ହେବା ସହିତ କିଛି ଯୁବତୀ ଯୁବକଙ୍କୁ ରୋଜଗାରର ପନ୍ଥା ଯୋଗାଇ ପାରିଲେ ସରକାରଙ୍କ ଏହି ଯୋଜନା ସଫଳ ହେବ ଏବଂ ବେକାରୀ ଦୂରୀକରଣ ନିମନ୍ତେ ସାହାଯ୍ୟ ହେବେ। ଏହି କାର୍ଯ୍ୟକ୍ରମରେ ବିଶ୍ୱାସ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ସମାଜସେବୀ ଅଜୟ କୁମାର ସାହୁ ଯୋଗଦେଇ ସରକାରଙ୍କ ଏମଏସଏମ ଇ ଯୋଜନାରେ ନିଜକୁ ବେକାର ବୋଲି ଭାବୁଥିବା ଯୁବତୀ ଯୁବକ ମାନେ ଲାଭ ଉଠାଇବା ପାଇଁ ବିଭିନ୍ନ ପ୍ରକାର ଯୋଜନାରେ ପ୍ରକଳ୍ପ କରି ବ୍ୟାଙ୍କ ମାନଙ୍କରୁ ଋଣ ନେଇ ଆତ୍ମ ନିର୍ଭରଶୀଳ ହେବା ପାଇଁ ଆହ୍ୱାନ ଦେଇଥିଲେ। ବାଲିଆପାଳ ବ୍ଲକ ଓ ଏଲ ଏମର ବିପିଏମ ଉତମ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ତାଲିମ ଶିବିରରେ ୧୨ ଦିନରେ ବିଭିନ୍ନ ଦିବସରେ ଯୁବତୀ ଯୁବକ ମାନେ କିପରି ଜଣେ ସଫଳ ଶିଳ୍ପଦ୍ୟୋଗୀ ହୋଇପାରିବେ ସେ ବିଷୟରେ ବିଭିନ୍ନ ପ୍ରକାରର ଟ୍ରେନର ମାନେ ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ବାଲିଆପାଳ, ବସ୍ତା, ଜଳେଶ୍ୱର ଓ ଭୋଗରାଇ ବ୍ଲକରୁ ୩୦ ଜଣ ଯୁବକ ଯୁବତୀ ଏହି ତାଲିମ ଶିବିରରେ ଭାଗ ନେଇଥିଲେ।

# ଆନନ୍ଦ ଉଲ୍ଲାସର ସହ ଇଦ୍-ଉଲ ଫିତର ପର୍ବ ପାଳିତ

ବାଲିଆପାଳ(ନିପ୍ର): ଇଦୁ-ଉଲ ଫିତର ଅବସରରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଥିବା ମୁସଲମାନ ବସ୍ତିରେ ଶନିବାର ଆନନ୍ଦ ଉହ୍ଲାସର ସହିତ ଇଦ-ଉଲ ଫିତର ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ବାଲିଆପାଳ ଯାମା ମସଜିଦରେ ସାମୁହିକ ନମାଜ ପାଠ କରଯାଇଥିଲା। ନମାଜ ପାଠ ପରେ ଜାମା ମସଜିଦ ପରିସରରୁ ବିରାଟ ଶୋଭାଯାତ୍ରା ବାହାରି ଜାମକୁଣ୍ଡା ଛକ, ବଜରଙ୍ଗ ବାଲି ଛକ, ପାରୁଳିଆ ଛକ, ବାଲିଆପାଳ ନୂଆ ବସ ଷ୍ଟାଣ୍ଡ ଦେଇ ବଦ୍ଧୀରୁଦୀନ ଶାହା ପିର ବାବାଙ୍କ ଆସ୍ଥାନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ପିର



ବାବାଙ୍କ ଉପରେ ମାନସିକ ଧାରି ମାନେ ଚାଦର ଚଢାଇ ଏକ ମାସ ଧରି ପାଳନ କରିଆସୁଥିବା ବ୍ରତ ସମୟରେ ଅଜାଣତରେ ଘଟିଥିବା ଭୁଲ ପାଇଁ କ୍ଷମା ପ୍ରାର୍ଥନା ସହିତ ନିଜର ଆତ୍ମୀୟ ସ୍ୱଜନ ମାନଙ୍କ ପାଇଁ ଦୋହା ମାଗିଥିଲେ। ଏହି ଅବସରରେ ପିଲାଠୁ ବୁଢ଼ା ଯାଏଁ ସଭିଏଁ ନିଜ ନିଜ ଆତ୍ମୟ ସ୍ୱଜନ ମାନଙ୍କୁଆଲିଙ୍ଗନ କରି ଇଦ ମୋବାରକ ଜଣାଇଥିଲେ। ବାଲିଆପାଳ ବସ୍ତିର ମୁଖିଆ ସେକ ଇମତାଜା ଅଲ୍ଲୀ, ରୀୟାନୁ ଖାଁ, ବସ୍ତି କମିଟିର ସାଧାରଣ ସମ୍ପାଦକ ଅବଦୁଲ ରେହେମାନ, ନାଜିର ଖାଁ, ଏସ କେ ନାସିରୁଦ୍ଦିନ, ସିଦ୍ଧିକ ଖାଁ, ତାଜୁ ଖାଁ, ଫିରୋଜ ଶାହା, ସେକ ଦାଦୁ, ନଜିରୁଦିନଙ୍କ, ବାଲିଆପାଳ ଜାମା ମସଜିଦର ଇମାମ ଗୁଲାମ ସଓରଙ୍କ ସହିତ ବାଲିଆପାଳ ସଂଖ୍ୟା ଲଘୁ ବସ୍ତି ବାସିନ୍ଦା କାର୍ଯ୍ୟକ୍ରମରେ ସାମିଲ ଥିଲେ। ସେହିପରି କୁହ୍ଲାଚଡ, କଚୁପଡା, ମେଣ୍ଢାପଡା, ବାସୁଦେବ ପୁର, ଜମୁନାଶୁଳ ଆଦି ମୁସଲମାନ ବସ୍ତିରେ ଆନନ୍ଦ ଉହ୍ଲାସର ସହକାରେ ଇଦ-ଉଲ ଫିତର ପର୍ବ ପାଳିତ ହୋଇଯାଇଛି।

# ଧାରଣାରେ ବସିଲେ ଚାଷୀ

ସୋର(ନିପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ବିଳମ୍ବ ଧାନ ବିକ୍ରିକୁ କେନ୍ଦ୍ର କରି ଚାଷୀ ହତାଶ ହୋଇ ଧାରଣାକୁ ଓହ୍ଲାଇବା ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି। ସୋର ବ୍ଲକ ମହୁମୁହାଣ ସେବା ସମବାୟ ସମିତିର ୧୦୦ରୁ ଉର୍ଦ୍ଧ୍ୱ ଚାଷୀ ବିଳମ୍ବ ଧାନ ବିକ୍ରି, କଟଣୀ ଛଟଣୀ ସହ ବିଭିନ୍ନ ଦାବିକୁ ନେଇ ସେବା ସମବାୟ ସମିତି ଆଗରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଚାଷୀଙ୍କ ଦାବି ଅନୁଯାୟୀ ଡିସେମ୍ବର ଶେଷ ସପ୍ତାହରୁ ଧାନ ଅମଳ କରିବା ପରେ ଜାନୁୟାରୀ ମାସରେ ବିକ୍ରି ପାଇଁ ଟୋକନ ପାଇଥିବା ସତ୍ତ୍ୱେ ଧାନ ନେଉ ନାହାନ୍ତି। ବାରମାର ସମିତି ସମ୍ପାଦକ ସମୟ ଗଡ଼ାଇ ଚାଲିଛନ୍ତି ଯାହା ଫଳରେ ଧାନ ବିକ୍ରି କରି ନପାରି ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ସରକାର ଶୀଘ୍ର ଧାନ ନକିଣିଲେ ଧାରଣାକାରୀ ଚାଷୀମାନେ ସମିତି ଆଗରେ ଆତ୍ମାହୂତି ଦେବେ ବୋଲି ଧମକ ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ପଖାଳ ଦିବସ ପାଳିତ



ବାରିପଦା(ନିପ୍ର): ମୟୂରଭଞ୍ଜ ଜିଲ୍ଲାରେ ଜିଲ୍ଲାସ୍ତରୀୟ "ପଖାଳ ଦିବସ" ବେଶ୍ ଉତ୍ସାହ ଓ ଜାକଜମକରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ସାମୂହିକ ପଖାଳ ଭୋଜନ ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲାପାଳ ହେମକାନ୍ତ ସୟ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଖାଳ ଭାତ ଓ ପାରମ୍ପରିକ ଓଡ଼ିଆ ଖାଦ୍ୟର ମହତ୍ୱ ଓ ପୌଷ୍ଟିକ ଗୁଣ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଆଜିର ସଭାରେ ମଂଚାସୀନ ଥିଲେ। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ପଖାଳ ଓଡ଼ିଶାର ପାରମ୍ପରିକ ଖାଦ୍ୟ ହେବା ସହିତ ଗରମ ଋତୁରେ ଶରୀରକୁ ଶୀତଳ ରଖିବାରେ ବିଶେଷ ଉପକାରୀ। ଏହା ଶରୀରକୁ ପାନୀୟ ଓ ପୌଷ୍ଟିକ ଉପାଦାନ ଯୋଗାଇଥାଏ ଏବଂ ଗ୍ରାମୀଣ ଜୀବନଶୈଳୀର ଏକ ଅଂଶ ରୂପେ ପରିଚିତ। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ପଖାଳ ଓ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଉପସ୍ଥିତ ଅତିଥି ତଥା ଅନ୍ୟାନ୍ୟ ଅଧିକାରୀମାନେ ଭୋଜନ କରିଥିଲେ ଏହି ପଖାଳର ସ୍ୱାଦ ଗ୍ରହଣ କରି ସ୍ୱଦେଶୀ ଖାଦ୍ୟ ପ୍ରଚାର ପ୍ରସାର ପାଇଁ ଆହ୍ୱାନ କରିଥିଲେ। ଏହାସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଏପରି ପାରମ୍ପରିକ ପର୍ବପର୍ବାଣୀ ପାଳନ ମାଧ୍ୟମରେ ଓଡ଼ିଆ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର କରିବାକୁ ପ୍ରୟାସ ଜାରି ରହିଛି ବୋଲି ଜନସାଧାରଣ ଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଛନ୍ତି।

# ବିବେକାନନ୍ଦ ପବ୍ଲିକ ସ୍କୁଲରେ ବିଶ୍ୱ ପଖାଳ ଦିବସ ପାଳିତ

କରଞ୍ଜିଆ(ନିପ୍ର): ଜଗନାଥ ଦେଶ ଭାବେ ପ୍ରସିଦ୍ଧ ଓଡିଶା ର ରାଜ୍ୟ ଖାଦ୍ୟ ପଖାଳକୁ ବିଶ୍ୱ ଖାଦ୍ୟ ତାଲିକାରେ ଅନ୍ତର୍ଭୁକ୍ତ କରି ମାନ୍ୟତା ମିଳିଥିବାରୁ ବିଶ୍ୱ ପଖାଳ ଦିବସ କୁ ଆନନ୍ଦ ଓ ଯାକଜକାମରେ ଆଜି କରଞ୍ଜିଆ ବିବେକାନନ୍ଦ ପବ୍ଲିକ ସ୍କୁଲ ପକ୍ଷରୁ ପାଳନ କରାଯାଇଛି। ଏହି ପଖାଳ ଦିବସକୁ ସାମ୍ବାଦ ଓ ସାମ୍ବାଦ ସାହିତ୍ୟ ଘର ସହଯୋଗ କରିଥିଲେ। ବିବେକାନନ୍ଦ ପବ୍ଲିକ ସ୍କୁଲ ର ପରିଚାଳନା ନିର୍ଦ୍ଦେଶକ ତଥା ସମାଜସେବୀ ବିଷ୍ଣୁକୁମାର ଅଗ୍ରୱାଲ ଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ସାମ୍ବାଦ ର ଉମା ଶଙ୍କର ଦାଶ, କର୍ଣ୍ଣାର୍ଜୁର୍ଣ ସାହା ଯୋଗ ଦେଇ ପଖାଳ ର ମାହାତ୍ମ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପଖାଳ କେବଳ ଓଡ଼ିଶାବାସୀ ଙ୍କ ମୁଖ୍ୟ ଖାଦ୍ୟ ହୋଇ ରହିନାହିଁ। ପଡୋଶୀ ଝାରଖଣ୍ଡ ବେଙ୍ଗଲ, ଛତିଶଗଡ, ବିହାର ରାଜ୍ୟ ରେ ମଧ୍ୟ ଏହାର ଆଦୃତ ହୋଇ ରହିଛି, ଏବେ ସାରା ବିଶ୍ୱରେ ପଖାଳ କୁ ଏକ ନିରାପଦ ଖାଦ୍ୟ ଭାବେ ଗ୍ରହଣ କରାଯାଇଛି, ସବୁଠୁ ଉଲେଖ୍ୟଯୋଗ୍ୟ ଜେ, ମହାପ୍ରଭୁ ଶ୍ରୀ ଜଗନାଥଙ୍କ ପାଖରେ ପଖାଳ ଲାଗି ହୁଏ। ବିବେକାନ୍ଦ ପବ୍ଲିକ ସ୍କୁଲ ତରଫରୁ ଏକ ସଙ୍ଗରେ ୫ଶହ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଶିକ୍ଷକ ପଖାଳ ଭୋଜନ କରିଥିଲେ। ପଖାଳ ସାଙ୍ଗକୁ ଶାଗ ଭଜା, ବଡି ଆଳୁ ଭରତା, ଆଳୁଭଜା ର ମଜା ସମସ୍ତେ ନେଇଥିଲେ। ବିଦ୍ୟାଳୟ ପକ୍ଷରୁ କୁନି କୁନି ପିଲାମାନେ ନୃତ୍ୟ ପରିବେଷଣ ଓ ପଖାଳ ସମ୍ପର୍କିତ ଗୀତ ଆବୃତି କରିଥିଲେ। ଅନ୍ୟ ମାନଙ୍କ ମଧରେ ସାମ୍ବାଦିକ ବିନ୍ଦୁସାର ଦାଶ, ଜିତେନ୍ଦ୍ର ରାଜ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

# ଅଙ୍ଗ ମୁଖ୍ୟ କେନାଲ କଂକ୍ରିଟ କାମରେ ଫାଟ, ନିମ୍ନମାନର କାମ ଅଭିଯୋଗ

ବଲାଙ୍ଗିର, (ହି.ସ.)- ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ସାଲେଭଟା ଗାଈଖାଇ ଅଙ୍ଗ ମୁଖ୍ୟ କେନାଲ କଂକ୍ରିଟ କାମ ନିମ୍ନମାନର କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ହରଭଙ୍ଗା ମାଇନର ଠାରୁ ଡୁମେରପାଲି ପର୍ଯ୍ୟନ୍ତ ୫ କିଲୋମିଟର ଅଙ୍ଗ ମୁଖ୍ୟ କେନାଲର ଉନ୍ନତିକରଣ କାମ ଜଳସେଚନ ବିଭାଗ ପକ୍ଷରୁ ୮୦ କୋଟିରୁ ଉର୍ଦ୍ଧ୍ୱ ବ୍ୟୟରେ କରାଯାଇଛି। କାମ ହେବାର ୧୦ ଦିନ ହେବ, ଏହାର ନିର୍ମାଣ ସରିଛି ଏବଂ ଏହାର ନିର୍ମାଣ କାର୍ଯ୍ୟ ବାଲାଜୀ ଠିକାସଂସ୍ଥା କରିଛି। ହେଲେ ଏ କେନାଲ କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି। କାମ ସମ୍ପୂର୍ଣ୍ଣ ହେବାର ୧୦ ଦିନ ହୋଇଛି, ଖୁଟଲିମୁଣ୍ଡା କେନାଲ ବ୍ରିଜ ରୁ ଡୁମେରପାଲି ପର୍ଯ୍ୟନ୍ତ ତଳ କଂକ୍ରିଟରେ ଫାଟ ସୃଷ୍ଟି ହୋଇଛି। ଫଳରେ ଏହାର ସ୍ଥାୟୀତ୍ୱ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। କେନାଲ ଭିତରୁ ହାଲୁକା ମାଟି ନ ହଟାଇ ତା' ଉପରେ କଂକ୍ରିଟ କରିଦିଆଯାଇଥିବାରୁ ଓ ଗାଇଡ଼ ଲାଇନ ଅନୁସାରେ ବାଲି, ଗେଟି, ସିମେଂଟ, ପାଣି ଦିଆଯାଇ ନଥିବାରୁ ଫାଟ ସୃଷ୍ଟି ହେଉଥିବା ଅନୁମାନ କରାଯାଉଛି। ପୁଣି ଏ ଫାଟକୁ ଲୁଚାଇବାକୁ ସ୍ଥାନେ ସ୍ଥାନେ ମସଲା ଦେଇ ପ୍ୟାଚ କରାଯାଇଥିବା ଦେଖାଯାଇଛି।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ମାଲାବାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଛାତ୍ରୀ ମାନଙ୍କୁ ବୃତି ପ୍ରଦାନ

ବ୍ରହ୍ମପୁର(ନି.ପ୍ର.) : ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ମାଲାବାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଛାତ୍ରୀ ମାନଙ୍କୁ ବୃତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ଉପଲକ୍ଷେ ଗଣେଶ ହଲ ଠାରେ ଏକ ଭବ୍ୟ ସମାରୋହ ର ଆୟୋଜନ ହୋଇଥିଲା ।ମାଲାବାର ଗ୍ରୁପ୍ ପକ୍ଷରୁ ପ୍ରଦତ ଏହି ବୃତି ନିମନ୍ତେ ୪୦୦ ଆବେଦନକାରୀଙ୍କ ମଧ୍ୟରୁ ମୋଟ ୧୬୪ଜଣ ଙ୍କୁ ପରୀକ୍ଷା ମାର୍କ ଆଧାର ରେ ମନୋନୀତ କରାଯାଇଥିଲା ।୧୦୦୦୦, ୮୦୦୦ଓ ୬୦୦୦ ଟଙ୍କା ତିନୋଟି ବର୍ଗର ବୃତି ପ୍ରଦାନ କରାଯାଇଥିଲା । ଛାତ୍ର କଲ୍ୟାଣ ଅଧିକାରୀ ଡ. ଉଷା ରାଣୀ ରଥ ଙ୍କ ସଂଯୋଜନା ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କୁଳପତି




ପ୍ରଫେସର ଗୀତାଞ୍ଜଳି ଦାଶ ମାଲାବାର ଚାରିଟେବୁଲ ଟ୍ରଷ୍ଟ ର ଏହି ପ୍ରୟାସ କୁ ଭୂୟସୀ ପ୍ରଂଶସା କରିଥିଲେ ଏବଂ ଭବିଷ୍ୟତ ରେ ଅଧିକ ଛାତ୍ରୀଙ୍କୁ ଏଥିରେ ସାମିଲ କରିବାପାଇଁ କହିଥିଲେ । ସ୍ନାତକୋତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ କାର୍ଯକ୍ରମ ସୂଚନା ଦେଇ ଛାତ୍ରୀମାନେ ଲବ୍ଧ ବୃତି କୁ କେବଳ ଶିକ୍ଷା କ୍ଷେତ୍ରରେ ବିନିଯୋଗ କରିବାକୁ କହିଥିଲେ । ମାଲାବାର ଗ୍ରୁପ୍ ର ରିଲେସନ ମ୍ୟାନେଜର ଶ୍ରୀ ଅମ୍ବିକା ପ୍ରସାଦ ପଟ୍ଟନାୟକ ଓ ସୋରୁମ ମ୍ୟାନେଜର ଶ୍ରୀ ୟୁ, ଶ୍ରୀନିବାସ ପାତ୍ର ଯୋଗଦେଇ କମ୍ପାନୀ ର ସାମାଜିକ ପ୍ରତିବଦ୍ଧ କାର୍ଯ୍ୟକ୍ରମ ସମ୍ପର୍କ ରେ କହିଥିଲେ । ଶେଷ ରେ ଡ. ଗୌତମ ସାବତ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଅଭିଭାବକ ମାନେ ଯୋଗ ଦେଇ ସନ୍ତୋଷ ବ୍ୟକ୍ତ କରିଥିଲେ । ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ ।

# ବୋରିଗୁମ୍ମାରେ ବିଶ୍ୱ ବନ ଦିବସ ପାଳିତ

ବୋରିଗୁମ୍ମା(ନି.ପ୍ର.)-ଆଜି ହେଉଛି ବିଶ୍ୱ ବନ ଦିବସ ।ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସାରା ରାଜ୍ୟରେ ବିଶ୍ୱ ବନ ଦିବସ ପାଳନ କରାଯାଉଛି ।ଏହି ପରିପ୍ରେକ୍ଷୀରେ ବୋରିଗୁମ୍ମା ବନାଂଚଳ ପକ୍ଷରୁ ବିଶ୍ୱ ବନ ଦିବସ ପାଳନ କରାଯାଇଥିଲା । ବୋରିଗୁମ୍ମା ବନାଂଚଳ ରେଞ୍ଜର ଡମ୍ବୁରୁଧର ଗମାଙ୍ଗ ଙ୍କ ପ୍ରତକ୍ଷ ତତ୍ୱାବଧାନରେ ବୋରିଗୁମ୍ମା ରେଞ୍ଜ




କାର୍ଯ୍ୟାଳୟ ଏକ ସଚେତନତା ରାଲି ବାହାରି ବୋରିଗୁମ୍ମା ଟ୍ରାଫିକ ଛକ ପର୍ଯ୍ୟନ୍ତ ଯାଇଥିଲେ ।ବିଶ୍ୱ ବନ ଦିବସ ରେ ସଚେତନତା ର ବାର୍ତା ଦିଆଯାଇଥିଲା ।ଉକ୍ତ ସଚେତନତା ରାଲିରେ ବୋରିଗୁମ୍ମା ଫରେଷ୍ଟର ମନୋଜ କୁମାର ମହାପାତ୍ର, କାଠରଗଡା ଫରେଷ୍ଟର ସୁଦାମ ଶତପଥୀ, ବି ସିଂପୁର ଫରେଷ୍ଟର ବନ୍ଧୁ ଖିଲ, ବନ କର୍ମଚାରୀ ରେଖାରାଣୀ ସାହୁ,ଶିବ କୁମାର ନାୟକ, ବିକ୍ରମ ବେହେରା, ପିଏନଜିଓ ଷ୍ଟାପ,ରେଞ୍ଜ ର ସମସ୍ତ ସ୍ଟାଡ଼, ଝିଲିମିଲି ବନ ସୁରକ୍ଷା ସମିତି ର ସମସ୍ତ ସଭ୍ୟ ଯୋଗ ଦେଇଥିଲେ ।

# ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ହେବ ସମ୍ପ୍ରସାରଣ: ପ୍ରମୁଖ ସଚିବଙ୍କ ସ୍ଥିତି ସମୀକ୍ଷା

ଝାରସୁଗୁଡ଼ା,(ନି.ପ୍ର.) ଝାରସୁଗୁଡ଼ା ସ୍ଥିତ ବୀର ସୁରେନ୍ଦ୍ର ସାଏ (ଭିଏସଏସ) ବିମାନବନ୍ଦରର କଳେବର ବୃଦ୍ଧି ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି । ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଶ୍ରୀ ଏନ୍.ବି.ଏସ୍ ରାଜପୁତ ବିମାନବନ୍ଦର ପରିସରରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରି ସମ୍ପ୍ରସାରଣ ଯୋଜନାର ଅନୁଧ୍ୟାନ କରିଛନ୍ତି । ବିଶେଷ କରି ବିମାନବନ୍ଦରକୁ ଆନ୍ତର୍ଜାତୀୟ ମାନର କରିବା ଏବଂ ଏଠାରେ ବଡ଼ ଧରଣର ବୋଇଂ-୭୭୭ ବିମାନ ଅବତରଣ ସୁବିଧା ଉପଲବ୍ଧ କରାଇବା ପାଇଁ ବ୍ଲୁ-ପ୍ରି[ ପ୍ରସ୍ତୁତ କରାଯାଇଛି । ଏହି ସମୀକ୍ଷା କାଳରେ ଝାରସୁଗୁଡ଼ା ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ



ଚହ୍ୱାଣ ଉପସ୍ଥିତ ରହି ବିମାନବନ୍ଦରର ସମ୍ପ୍ରସାରଣ ପାଇଁ ଆବଶ୍ୟକ ହେଉଥିବା ଭୂମି ଏବଂ ପ୍ରଶାସନିକ ପ୍ରସ୍ତୁତି ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ସମ୍ପ୍ରସାରଣ ପାଇଁ ଅତିରିକ୍ତ ୨୩୫ ଏକର ଜମିର ଆବଶ୍ୟକତା ରହିଥିବା ବେଳେ ଏହାର ଅଧିଗ୍ରହଣ ପ୍ରକ୍ରିୟା କିଭଳି ତ୍ୱରାନ୍ୱିତ ହେବ, ସେ ନେଇ ଜିଲ୍ଲାପାଳ ପ୍ରମୁଖ ସଚିବଙ୍କୁ ଅବଗତ କରାଇଛନ୍ତି । ବର୍ତ୍ତମାନ ଏହି ବିମାନବନ୍ଦର କେବଳ ଘରୋଇ ସେବା ମଧ୍ୟରେ ସୀମିତ ଥିବା ବେଳେ, ଅଧିକ ଜମି ଅଧିଗ୍ରହଣ ପରେ ରନୱେ ଏବଂ ଟର୍ମିନାଲର ସମ୍ପ୍ରସାରଣ କରାଯିବ । ଏହି ବିମାନ ବନ୍ଦର ଅର୍ନ୍ତଗତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ମିଳିତ ଭାବେ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଶୀଘ୍ର ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହି ଗସ୍ତ ସମୟରେ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରୋଟାରୀ କ୍ଲବ ପକ୍ଷରୁ ମହୁରୀ କାଳୁଆରେ ସାର୍ବଜନୀନ ଶୌଚାଳୟ ଉଦ୍‌ଘାଟନ

ବ୍ରହ୍ମପୁର (ନି.ପ୍ର.): ବ୍ରହ୍ମପୁର ରୋଟାରୀ କ୍ଲବ ଶୁକ୍ରବାର ଦିନ ମହୁରୀ କାଳୁଆରେ ଏକ ନବନିର୍ମିତ ସାର୍ବଜନୀନ ଶୌଚାଳୟ ଉଦଘାଟନ କରାଯାଇଛି ଯାହାର ଲକ୍ଷ୍ୟ ହେଉଛି ଅଂଚଳରେ ପରିମଳ ଏବଂ ପରିଚ୍ଛନ୍ନତା ଉନ୍ନତ କରିବା । ଜିଲ୍ଲା ରାଜ୍ୟପାଳ ଅବସରପ୍ରାପ୍ତ ମନୋଜ କୁମାର ତ୍ରିପାଠି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ମହୁରୀ କାଳୁଆ ଟ୍ରଷ୍ଟର ସଭାପତି ଶ୍ରୀ ପ୍ରମୋଦ କୁମାର ଜେନା ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହିଥିଲେ ।ରୋଟାରୀର 'ୟୁନାଇଟ୍ ଫର୍ ଗୁଡ୍' ପଦକ୍ଷେପ ଅଧୀନରେ ବିକଶିତ ଏହି ସୁବିଧା ସ୍ଥାନୀୟ ବାସିନ୍ଦା ଏବଂ




ପରିଦର୍ଶକଙ୍କୁ ସ୍ୱଚ୍ଛ ଏବଂ ସୁଗମ ପରିମଳ ଯୋଗାଇ ଦେଇ ଉପକୃତ କରିବ ବୋଲି ଆଶା କରାଯାଉଛି । ପ୍ରାୟ ?୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ, ସମାଜ କଲ୍ୟାଣ ଏବଂ ଜନସ୍ୱାସ୍ଥ୍ୟ ପ୍ରତି କ୍ଲବର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ।ଏହି ପ୍ରକଳ୍ପର ନେତୃତ୍ୱ ଅଧ୍ୟକ୍ଷ ମିତେନ ଭୂୟାଁ ନେଇଥିବା ବେଳେ ରୋଟାରୀ କ୍ଲବର ସଭାପତି ଭେଙ୍କେଟ୍ ଆନନ୍ଦ ଏବଂ ଡିଜିଏନଡି ଆଖେନ୍ଦୁ ପଟ୍ଟନାୟକ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ ।କ୍ଲବର ଅବୈତନିକ ସଚିବ ଅବସରପ୍ରାପ୍ତ ଟାଙ୍ଗୁଡୁ ରାହୁଲ ସମସ୍ତ ଅଂଶୀଦାରଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ଏପରି ସମାଜ-ଚାଳିତ ପଦକ୍ଷେପ ପାଇଁ ନିରନ୍ତର ସମର୍ଥନ ପାଇଁ ଆହ୍ୱାନ କରିଥିଲେ ।

# ଅଲିପୁର ସରସ୍ୱତୀ ଶିଶୁ ମନ୍ଦିରରେ କଣ୍ଢେଇ ଦିବସ

ଖଇରା,(ନି.ପ୍ର.) ଖଇରା ବ୍ଲକ ସାରଡାଙ୍ଗ ଗ୍ରାମ ପ□ାୟତ ଅଧୀନ ଅଲିପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶନିବାର ଦିନ କଣ୍ଢେଇ ଦିବସ ପାଳିତ ହୋଇ ଯାଇଛି । ସକାଳେ ମାବାପା ମାନେ କଣ୍ଢେଇ ସହ ଶିଶୁ ବାଟିକାରେ ପଢୁଥିବା ନିଜ ପିଲାମାନଙ୍କୁ ଧରି ବିଦ୍ୟାଳୟରେ ପହ□ିଥିଲେ । ପରେ ପ୍ରଧାନାଚାର୍ଯ୍ୟ ଜୟନ୍ତ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବାଣପୁର ସରସ୍ୱତୀ ଶିଶୁ ମନ୍ଦିରର ଶିଶୁ ବାଟିକା ପ୍ରମୁଖ ପ୍ରତିଭା ଗିରି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଏଭଳି ଦିବସ ପାଳନ ମାଧ୍ୟମରେ ପିଲାମାନଙ୍କ ମଧ୍ୟରେ ସୁସମ୍ପର୍କ ଗଢିଉଠିବ ବୋଲି ପ୍ରକାଶ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁମା,ପରିଚାଳନା କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

କଟକ:(ନି.ପ୍ର) ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ରାଜନେତା ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ପୂର୍ଣ୍ୟ ବୟବ ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି । କଟକର ୧୯ନମ୍ବର ୱାର୍ଡ ଦୟା ଆଶ୍ରମ ନିକଟରେ ଶ୍ରୀ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ମହାନଗର ନିଗମ ମେୟର ସୁବାଷ ସିଂଙ୍କ ପୌରାହିତ୍ୟରେ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ବିଧାୟିକା ସୋଫିଆ ଫିରଦୋଷ,ସିଏମସି କମିଶନର କିରଣଦୀପ କୌର ସହଟା, ଡେପୁଟି ମେୟର ଦମୟନ୍ତୀ ମାଝୀ,ବରିଷ୍ଠ ବି ଜେ ଡି ନେତା ପ୍ରଭାତ ତ୍ରିପାଠୀ, ସ୍ୱର୍ଗତ ବିଶ୍ୱାଳଙ୍କ ପୁତ୍ର ରଞ୍ଜୀବ ବିଶ୍ୱାଳ ଓ ତାଙ୍କ ପତ୍ନୀ,ବିଜେଡି ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ, ସ୍ଥାନୀୟ କର୍ପୋରେଟର ବିକାଶ ରଞ୍ଜନ ବେହେରା, ବନଲତା ପ୍ରଧାନ, ଏ. ଶ୍ରୀ ଦେବୀ, ମୋନାଲିସା ଦାସ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ବିଧାୟକ ପାଣ୍ଠି ଖର୍ଚ୍ଚରେ ସବୁଠୁଁ ପଛରେ ସିମୁଳିଆ

## ମନ୍ଥର କାର୍ଯ୍ୟପାଇଁ ଯନ୍ତ୍ରୀଙ୍କୁ ବର୍ଷିଲେ ବିଧାୟକ ପଦ୍ମଲୋଚନ

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ଅନ୍ତର୍ଗତ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ବିଧାୟକ ହାତପାଣ୍ଠି ଖର୍ଚ୍ଚ ନୈରାଶ୍ୟ ଜନକ ସ୍ଥିତିରେ ରହିବା ତଥା ବିକଶିତ ଗାଁ ବିକଶିତ ଓଡିଶା,ଦାନା ଭଳି ବହୁ ଯୋଜନାରେ ଅର୍ଥ ଖର୍ଚ୍ଚ ପଡିରହିବା ଭଳି ସ୍ଥିତି ସମ୍ବନ୍ଧରେ ଆଲୋଚନା ପାଇଁ ଖଇରା ବ୍ଲକ ପରିସରରେ ଶନିବାର ଦିନ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଖଇରା ବିଡିଓ ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପଦ୍ମଲୋଚନ ପଣ୍ଡା ଉପସ୍ଥିତ ରହି ପ୍ରତ୍ୟେକଟି ଯୋଜନାର ସମୀକ୍ଷା କରିଥିଲେ । ବିଧାୟକ ଦ୍ୱାରା ମଞ୍ଜୁର ହୋଇଥିବା ପ୍ରକଳ୍ପ ଅସଂପୂର୍ଣ୍ଣ ରହିବା ତଥା ଯାହା ବି ସମ୍ପୂର୍ଣ୍ଣ ହୋଇଛି ଠିକାଦାରଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ କରାନଯିବା ପାଇଁ କନିଷ୍ଠ ଯନ୍ତ୍ରୀ



ଦାୟୀ ବୋଲି ଲୋକପ୍ରତିନିଧି ମାନେ ଅଭିଯୋଗ କରିବା ପରେ ବିଧାୟକ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ଯାହା ବକେୟା ବିଲ ରହିଛି ମାର୍ଚ୍ଚ ୩୧ ପୂର୍ବରୁ ଏହା ପ୍ରଦାନ କରି ବିନିଯୋଗ ପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ୩୭ ପ□ାୟତ ପାଇଁ ବ□ମାନ ୧୧ଜଣ କନିଷ୍ଠ ଯନ୍ତ୍ରୀଥିବା ବେଳେ କାର୍ଯ୍ୟରେ ଆଶାନୁରୂପ ଅଗ୍ରଗତି ନହେବାକୁ ନେଇ ବିଧାୟକ କ୍ଷୁବ୍ଧ ହେବା ସହ ଯନ୍ତ୍ରୀ ମାନଙ୍କୁ ଯେଉଁ ୩ ବା ୪ ପ□ାୟତ ଦିଆଯାଉଛି ପାଖାପାଖି ପ□ାୟତ ଦେବାକୁ ବିଡିଓଙ୍କୁ କୁହାଯାଇଥିଲା । ବିଧାୟକ ହାତପାଣ୍ଠି ଖର୍ଚ୍ଚରେ ଜିଲାରେ ସିମୁଳିଆ ନିର୍ବାଚନ ମଣ୍ଡଳି ପଛରେ ରହିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଚାପ ପରେ ଏଭଳି ସମିକ୍ଷା ବୈଠକ ଡକାଯାଇଥିବା କୁହାଯାଉଛି । ବୈଠକରେ ମଧ୍ୟ ଖୋଦ ବିଧାୟକ ତାଙ୍କ ବକ୍ତବ୍ୟରେ ଏ ବିଷୟ ପ୍ରକାଶ କରିଥିଲେ । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟ ମାନସ ଦାଶ,ମୁଖ୍ୟ କିରାଣି ବ୍ରହ୍ମାନନ୍ଦ ଦାଶ,ସହକାରୀ ଯନ୍ତ୍ରୀ ବିଭୁତି ଭୁଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ସାମ୍ବାଦିକ ତଥା ସମାଜସେବୀ ମଦନମୋହନ ଦାସଙ୍କ ପରଲୋକ

ଧାମନଗର(ନି.ପ୍ର.): ଧାମନଗର ବ୍ଲକ ଅଂଚଳର ସାମ୍ବାଦିକ ତଥା ସମାଜସେବୀ ମଦନମୋହନ ଦାସଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା । ଶୁକ୍ରବାର ଦିନ ସଂଧ୍ୟାରେ ନିଜ ଗାଁ ଖଡ଼ିପଦା ପଂଚାୟତ କାଞ୍ଜିଆପାଳରେ ବାର୍ଷିକ ଯଜ୍ଞ ପାଇଁ ବୈଠକରେ ଯୋଗ ଦେଇଥିଲେ । ବୈଠକରେ ବସିଥିବାବେଳେ ଛାତିରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା । ଏଣୁ ସେ ଘରକୁ ପଳେଇ ଆସିଥିଲେ । ଘରେ ଯନ୍ତ୍ରଣା ଅସହ୍ୟ ହୋଇଥିଲା । ସାନ ଭାଇ ଓ ପଡ଼ିଶା ଲୋକେ ତାଙ୍କୁ ଯାଜପୁର ଜିଲ୍ଲା ହସ୍ପିଟାଲକୁ ନେଇ ଯାଇଥିଲେ । ତେବେ ରାସ୍ତାରେ ଦୁଇଥର ପାଣି ମାଗିଥିଲେ । ପାଣି ଦେବା ପରେ ତାଙ୍କ ପ୍ରାଣ ବାୟୁ ଉଡ଼ି ଯାଇଥିଲା । ଯାଜପୁର ଜିଲ୍ଲା ହସ୍ପିଟାଲରେ ପହଂଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦଘାତ ଯୋଗୁଁ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଥିଲେ । ଏହାପରେ ତାଙ୍କ ମର ଶରୀରକୁ ଘରକୁ ନେଇ ଆସିଥିଲେ । ଏନେଇ ଖବର ପାଇବା ପରେ ଶହ ଶହ ଲୋକ ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିଥିଲେ । ଶନିବାର ସକାଳେ ତାଙ୍କ ଶେଷ କୃତ୍ୟ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ତେବେ ମଦନଙ୍କ ଶୁଭେଚ୍ଛୁ ଓ ସହଯୋଗୀଙ୍କ ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ କାଞ୍ଜିଆପାଳରୁ ଦୋବଲ କାଳୀବଜାର ଓ ସେଠାରୁ ଦିହୁଡ଼ି ଆନନ୍ଦପୁର ଛକକୁ ନିଆଯାଇଥିଲା । ଶେଷରେ ତାଙ୍କର କର୍ମସ୍ଥଳୀ କାଞ୍ଜିଆପାଳ ଜଂଗଲ ଭିତରେ ଥିବା ଯଜ୍ଞ ମଣ୍ଡପ ପାଖରେ ସମାଧି ଦିଆଯାଇଥିଲା । ମଦନ ଅବିବାହିତ ଥିଲେ ଓ ସେ ବୈଷ୍ଣବ ଧର୍ମର ଦିକ୍ଷୀତ ରହିଥିଲେ । ଏଣୁ ତାଙ୍କ ଧର୍ମଗୁରୁଙ୍କ ପରାମର୍ଶରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା । ମଦନମୋହନ ଜଣେ ସୂଚନା ଅଧିକାର କର୍ମୀ ଭାବେ ଭଦ୍ରକ ଜିଲ୍ଲାରେ ସୁଖ୍ୟାତି ଅର୍ଜନ କରିଛନ୍ତି । ସେ ସମ୍ବାଦ ଖବର କାଗଜ ରେ ସାମ୍ବାଦିକ ତା କରୁଥିଲେ । ନିଜ ଅଂଚଳର ଉନ୍ନତି ପାଇଁ ସେ ସର୍ବଦା କାମ କରି ଆସିଛନ୍ତି । କାଞ୍ଜିଆପାଳକୁ ବନ୍ୟା ଦାଉରୁ ରକ୍ଷା କରିବା, ସବୁଦିନିଆ ପକ୍କା ସଡ଼କ କରିବା ଲାଗି ଅନବରତ ଉଦ୍ୟମ କରି ସଫଳ ହୋଇଥିଲେ । ତାଙ୍କର ଏହି ଅକାଳ ବିୟୋଗ ରେ ସ୍ଥାନୀୟ ଅଂଚଳରେ ସୋକ ଖେଳି ଯାଇଛି ।

# ଅଞ୍ଜୁମନ୍ ଇସଲାମୀୟା କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

କଟକ : (ନି.ପ୍ର)ଅଞ୍ଜୁମନ୍ ଇସଲାମୀୟା କମିଟି ପକ୍ଷରୁ ଦେୱାନ ବଜାରସ୍ଥିତ ମଦ୍ରାସାଠାରେ ଘୋଷଣା କରାଯାଇଛିଯେ, ଆସନ୍ତା ଶନିବାର ଦିନ ଇଦୁଲ ଫିତର ପର୍ବ ରାଜ୍ୟରେ ପାଳିତ ହେବ ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କମିଟିର ସମ୍ପାଦକ ସେକ ଲିୟାକଉଦ୍ଦିନ ଅହମଦ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଚାନ୍ଦ କମିଟିର କାଜି ମୁଫତି ନୌସାଦ ଅଞ୍ଜାରି, ମଦ୍ରାସାର ସଭାପତି ଅବଦୁଲ ଆହାଦ, ଉପସଭାପତି ରମଜାନ ଖାନ, ଆଇନଜୀବୀ ଆସିଫ ଅଲ୍ଲୀ, ସଦସ୍ୟ ମହମ୍ମଦ ଯାଭେଦ, ମହମ୍ମଦ ଆରିଫ, ଇରସାଦ ଖାନ, ଆଇନଜୀବୀ ଆଲମାସ ୟୁସୁଫଙ୍କ ସମେତ ବହୁ କର୍ମକର୍ତା ଉପସ୍ଥିତ ଥିଲେ । ଏହାପୂର୍ବରୁ କମିଟି ତରଫରୁ ଏକ ଇଫତାର ପାର୍ଟିର ଆୟୋଜନ କରାଯାଇଥିଲା । ଯେଉଁଥିରେ କଟକ ସହରର ସମସ୍ତ ସାହିର ମୂରବୀ ଏବଂ ମସଜିଦରେ ସଭାପତି ଏବଂ ସମ୍ପାଦକମାନେ ଉପସ୍ଥିତ ଥିଲେ ।

# ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଳିତ ସହଭାଗିତାରେ କର୍ମଶାଳା ଅନୁଷ୍ଠିତ




ପୁରୀ (ନି.ପ୍ର.) ସହରୀ ସ୍ୱାସ୍ଥ୍ୟ କାର୍ଯ୍ୟ ଯୋଜନା (ସିଟି ହେଲଥ୍ ଆକ୍ସନ୍ ପ୍ଲାନ) ସମ୍ବନ୍ଧରେ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଏସିଆନ ଡେଭେଲପ୍-ମେଂଟ ବ୍ୟାଙ୍କ ଏବଂ ପାଥ୍ (ଚଇଞ୍ଜଐ)ର ମିଳିତ ସହଭାଗିତାରେ ଏକ କର୍ମଶାଳା ହୋଟେଲ ଚାଣକ୍ୟ ବି.ଏନ.ଆର୍ ରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶରତ ଚନ୍ଦ୍ର ମହାପାତ୍ର ସମସ୍ତଙ୍କୁ ଏହି କର୍ମଶାଳା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଏବଂ କହିଥିଲେ ସମସ୍ତ ବିଭାଗର ମିଳିତ ଉଦ୍ୟମରେ ସହରାଂଚଳରେ ଜନସ୍ୱାସ୍ଥ୍ୟ ବିକାଶ ନିମିତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଏହାର ସଫଳ ରୂପାୟନରେ ଆହୁରି ଅନେକ ପଦକ୍ଷପ ନେବାର ଆବଶ୍ୟକତା ରହିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅକ୍ଷୟ କୁମାର ଶତପଥି ଏହି କର୍ମଶାଳାରେ ଉପସ୍ଥିତ ସମସ୍ତଙ୍କୁ ସହରାଂଚଳରେ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଥିବା ଚ୍ୟାଲେଞ୍ଜ ଗୁଡିକ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ନିରୋଦ କୁମାର ସାହୁ ମାନସିକ, ଶାରୀରିକ ଅନଗ୍ରସର ଶ୍ରେଣୀର ଲୋକମାନଙ୍କ ପାଇଁ ଅଭିନବ ପଦକ୍ଷପ ନେବାର ଆବଶ୍ୟକତା ଅଛି ବୋଲି କହିଥିଲେ । ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶିକା (ସହରାଂଚଳ ସ୍ୱାସ୍ଥ୍ୟ) ଡାକ୍ତର ପୁଷ୍ପିତା ମହାନ୍ତି ସମସ୍ତଙ୍କୁ ଉଦବୋଧନ ଦେଇ ସରକାରଙ୍କର ସମସ୍ତ ଜନ କଲ୍ୟାଣ କାରୀ ଯୋଜନାର ସଫଳ ରୂପାୟନ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ପାଥ୍ ର ଡାକ୍ତର ଯତୀନ ଢିଙ୍ଗରା କର୍ମଶାଳାର ପରମ୍ଭରେ ସହରୀ ସ୍ୱାସ୍ଥ୍ୟ କାର୍ଯ୍ୟ ଯୋଜନା (ସିଟି ହେଲଥ୍ ଆକ୍ସନ୍ ପ୍ଲାନ) ର ଲକ୍ଷ୍ୟ ଏବଂ ଆବଶ୍ୟକତା ଉପରେ ସବିଶେଷ ଆଲୋଚନା କରିଥିଲେ । ଅନ୍ୟମାନଂକ ମଧ୍ୟରେ ଏହି କର୍ମଶାଳାରେ ପୁରୀ ମୁନିସିପାଲିଟିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅଭିମନ୍ୟୁ ବେହେରା , ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡାକ୍ତର ସବିତା ମହାପାତ୍ର, ଡାକ୍ତର ସଂଜୁ ଦାଶ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ବିନୋଦ ବିହାରୀ ରଥ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ), ଡାକ୍ତର ଲଲାଟେନ୍ଦୁ ମିଶ୍ର ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା ରୋଗ), ଡାକ୍ତର ନାରାୟଣ ପ୍ରସାଦ ନନ୍ଦ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ପ୍ରତିରୋଧ), ଡାକ୍ତର ମାନସ ରଞ୍ଜନ ଦାଶ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ ରୋଗ) ଏବଂ ଡାକ୍ତର ଆଁ.ଏନ୍ ମିଶ୍ର ଅଧିକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରମୁଖ ଉପସ୍ଥିତ ଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନର ଡାକ୍ତର ଦୀନବନ୍ଧୁ ସାହୁ, ଶ୍ରୀ ସୁକାନ୍ତ ମିଶ୍ର, ଶ୍ରୀ ଶ୍ୟାମ ସୁନ୍ଦର ତ୍ରୀପାଠି ଏବଂ ଶ୍ରୀ ସନ୍ଦୀପ ବରଣ ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ ମଧ୍ୟ କରିଥିଲେ ।

# ଚାଇଲ୍ଡ ହେଲ୍ପ ଲାଇନ ଓ ସଖୀ କର୍ମକର୍ତାଙ୍କୁ ଦୁର୍ବ୍ୟବହାର ଘଟଣାରେ ୨ଗିରଫ

କେନ୍ଦ୍ରାପଡ଼ା,:ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ସଖିବଟ ମନ୍ଦିର ପରିସରରେ ଚଳିତମାସ ୫ତାରିଖରେ ଘଟିଥିବା ଏକ କନ୍ୟା ବିବାହ ଘଟଣାକୁ କେନ୍ଦ୍ର କରି ଚାଇଲ୍ଡ ହେଲ୍ପ ଲାଇନ ଓ ସଖୀର କର୍ମକ□ା ମାନଙ୍କ ଉପରେ ଦୁର୍ବ୍ୟବହାର ଏବଂ ଆକ୍ରମଣ ସମ୍ବନ୍ଧୀୟ ଘଟଣା ପ୍ରକାଶ ପାଇଛି ।ବିଶ୍ୱାସନୀୟ ସୂତ୍ରରୁ ସୂଚନା ପାଇ ଚାଇଲ୍ଡ ହେଲ୍ପ ଲାଇନ ଓ ସଖୀର କର୍ମକ□ା ଏବଂ ମାର୍ଶାଘାଇ ସିଡିପିଓ ମିଳିତ ଭାବେ ଘଟଣାସ୍ଥଳରେ ପହ□ ଯା□ କରିଥିଲେ । ଯା□ କାଳୀନ କନ୍ୟାଙ୍କ ବୟସ ସମ୍ପର୍କରେ ସନ୍ଦେହ ସୃଷ୍ଟି ହୋଇଥିଲା । ପରବ□ୀ ସମୟରେ ପରିଚୟ ପତ୍ରରେ ବୟସ ଜାଲିଆତି କରାଯାଇଥିବା ପ୍ରମାଣିତ ହେବା ପରେ କନ୍ୟାଙ୍କ ପ୍ରକୃତ ବୟସ ୧୬ ବର୍ଷ ବୋଲି ଜଣାପଡିଥିଲା ।ବାଲ୍ୟ ବିବାହକୁ ରୋକିବା ପାଇଁ ଏହି ଟିମ୍ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ କନ୍ୟାଙ୍କ ମା,ମାମୁଁ ଏବଂ କିଛି ସମ୍ପର୍କୀୟ ବ୍ୟକ୍ତିମାନେ ଅସଭ୍ୟ ଭାଷା ବ୍ୟବହାର କରି ଦଳର ସଦସ୍ୟା ମାନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରୋଶମୂଳକ ଆଚରଣ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା ।ଏ ସମ୍ବନ୍ଧରେ ସମ୍ପୃକ୍ତ ଦଳ ପକ୍ଷରୁ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପରବ□ୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କନ୍ୟାଙ୍କ ମା ଓ ମାମୁଁଙ୍କୁ ଗିରଫ କରାଯାଇଛି । ଘଟଣାର ତଦନ୍ତ ଜାରି ରହିଥିବା ବେଳେ ବାଲ୍ୟ ବିବାହ ନିରୋଧ ଆଇନର କଡାକଡି ପାଳନ ସହ ଏପରି ଅବୈଧ କାର୍ଯ୍ୟକଳାପରୁ ଜନସାଧାରଣ ନିବୃତ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ବିଶ୍ୱ ବନ ଦିବସ ୨୦୨୬ ପାଳିତ

କେନ୍ଦୁଝର(ନି.ପ୍ର.): କେନ୍ଦୁଝର ବନଖଣ୍ଡ ଦ୍ୱାରା ଆୟୋଜିତ ବିଶ୍ୱ ବନ ଦିବସ କେନ୍ଦୁଝର ସହରର ଅଡିଟୋରିୟମ ଠାରେ ମହାସମାହାରରେ ପାଳିତ ହୋଇଯାଇଛି । ଏଥିରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ ଡି ଧନରାଜ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ନିକୁ ସାହୁ,ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତିର୍ମୟ ଭୁକ୍ତା, ଆଇଏଏସ ପ୍ରବେସନର ପଓ୍ୱନ ସିଂ, ଆଇପିଏସ ପ୍ରବେସନର ଶୁଭସ୍ମିତା ସେଠୀ, ସହକାରୀ ବନ ସଂରକ୍ଷକଆଇଏଫଏସ ପ୍ରତୀକ ପ୍ରକାଶ ଇନ୍ଦଲକର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ



ଜଙ୍ଗଲ ଓ ଅର୍ଥନୀତି ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ଜଙ୍ଗଲ ସୁରକ୍ଷା କରି ଲୋକଙ୍କର ଅର୍ଥନୀତି କିପରି ବୃଦ୍ଧି କରାଯାଇପାରିବ, ସେ ଦିଗରେ ଆଲୋଚନା ହୋଇଥିଲା । ଜଙ୍ଗଲ ହେଉଛି ଆମ ଜୀବନର ଆଧାର, ଆମ ଅର୍ଥନୀତିର ମେରୁଦଣ୍ଡ । ଜଙ୍ଗଲ ଆମକୁ ଅମ୍ଳଜାନ ଦେଉଛି, ଖାଦ୍ୟ ଯୋଗାଉଛି । ଜଙ୍ଗଲ ପାଇଁ ସମଗ୍ର ପ୍ରାଣୀ ଜଗତ ସୁରକ୍ଷିତ ରହିପାରୁଛି କ୍ଷ ଏଥିପାଇଁ ଜଙ୍ଗଲକୁ ସୁରକ୍ଷିତ ରଖି ଆମେ କିପରି ନିଜର ଅର୍ଥନୀତି ମଜବୁତ କରିପାରିବା, ସେ ନେଇ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବନୀକରଣ ରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ସ୍ୱୟଂ ସହାୟିକା ଗୋଷ୍ଠୀ, ବନ ସୁରକ୍ଷା ସମିତିର ସଦସ୍ୟ, ସରପଂଚ ସମେତ ବନବିଭାଗ ର ଅଧିକାରୀ, କର୍ମଚାରୀ ଓ ପରିବେଶବିତ ମାନେ ଉପସ୍ଥିତ ଥିଲେ ।

## ସରହୁଲ ପର୍ବର ଶୁଭକାମନା ଜଣାଇଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସରହୁଲ ପର୍ବ ଅବସରରେ ସମସ୍ତଙ୍କୁ ଶୁଭକାମନା ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ଦେଶବାସୀ ବିଶେଷ ଭାବରେ ଜନଜାତୀୟ ଭାଇ ଭଉଣୀ ମାନଙ୍କୁ ସରହୁଲ ପର୍ବର ହାର୍ଦ୍ଦିକ ଶୁଭକାମନା । ଶାଳ ଗଛରେ ନୂଆ ଫୁଲ ଆଗମନ ଅବସରରେ ପାଳନ କରାଯାଉଥିବା ଏହି ଉତ୍ସବ ନୂଆ ଉର୍ଜା ସହ ଶୁଭାରମ୍ଭର ପ୍ରତୀକ । ଏହି ପର୍ବ ଜନଜାତୀୟ ସମୂହର ସାମୁହିକ ଚେତନା ଓ ପ୍ରକୃତି ସହିତ ଘନିଷ୍ଠ ସମ୍ପର୍କକୁ ରେଖାଙ୍କିତ କରିଥାଏ । ଆସନ୍ତୁ ଏହି ଶୁଭ ଅବସରରେ ଆମେ ପ୍ରାକୃତିକ ସମ୍ବଳ ଗୁଡିକୁ ସଂରକ୍ଷିତ କରି ବିକାଶର ମାର୍ଗରେ ଆଗକୁ ବଢିବାକୁ ସଂକଳ୍ପ ନେବା ।

## ମାଆ ଚନ୍ଦ୍ରଘଂଟାଙ୍କ ମହିମାରେ ଦେଶବାସୀଙ୍କ ମଙ୍ଗଳକାମନା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦେବୀ ମାଁ ଚନ୍ଦ୍ରଘଂଟାଙ୍କ ଆରାଧନା କରି ଗୋଟିଏ ସଂସ୍କୃତ ସୁଭାଷିତ ସେୟାର କରିଛନ୍ତି ଏବଂ ଦେଶବାସୀଙ୍କ ସୁଖ, ସମୃଦ୍ଧି ଓ ସୌଭାଗ୍ୟର କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ତାଙ୍କ ବାର୍ତାରେ ମାଁ ଚନ୍ଦ୍ରଘଂଟାଙ୍କୁ ନମନ କରି ଲେଖିଛନ୍ତି ଯେ ମାତା ସମସ୍ତଙ୍କୁ ଶକ୍ତି, ସମୃଦ୍ଧି ଏବଂ ସୌଭାଗ୍ୟମୟ ଜୀବନର ଆଶୀର୍ବାଦ ଦିଅନ୍ତୁ । ସେ ଦେବୀଙ୍କ ଦିବ୍ୟ ରୂପର ବର୍ଣ୍ଣନା କରି ଏକ ସଂସ୍କୃତ ଶ୍ଳୋକ ମଧ ସେୟାର କରିଛନ୍ତି— "ପିଣ୍ଡଜପ୍ରବରାରୂଢା ଚଣ୍ଡକୋପାସ୍ତ୍ରକୈର୍ଯୁତା । ପ୍ରସାଦଂ ତନୁତେ ମହ୍ୟଂ ଚନ୍ଦ୍ରଘଂଟେତି ବିଶ୍ରୁତା ?" ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତାରେ କହିଛନ୍ତି ଯେ ସିଂହ ଉପରେ ଆରୋହିତ ଏବଂ ବିଭିନ୍ନ ଅସ୍ତ୍ର-ଶସ୍ତ୍ରରେ ସୁସଜ୍ଜିତ ମାଁ ଚନ୍ଦ୍ରଘଂଟା ତାଙ୍କ ଭକ୍ତମାନଙ୍କର କଷ୍ଟକୁ ଦୂର କରି ସେମାନଙ୍କୁ ସାହସ ଓ ଶକ୍ତି ପ୍ରଦାନ କରନ୍ତି । ସେ ପ୍ରାର୍ଥନା କରିଛନ୍ତି ଯେ ମାତାଙ୍କ କୃପାରେ ପ୍ରତ୍ୟେକ ଲୋକଙ୍କ ଜୀବନ ସୁଖ ଓ ସମୃଦ୍ଧିରେ ପରିପୂର୍ଣ୍ଣ ହେଉ ।








## ଇଦ୍-ଉଲ୍- ଫିତର ଅବସରରେ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ଆଜି ସାରା ଦେଶରେ ଇଦ ଉଲ୍ ଫିତର ବହୁତ ଉତ୍ସାହର ସହିତ ପାଳନ କରାଯାଉଛି । ରମଜାନର ଏକ ମାସ ଧରି ରୋଜା ପାଳନ କରିବା ପରେ, ଆଜି ମସଜିଦଗୁଡ଼ିକରେ ଇଦ ନମାଜ ପାଠ କରାଯାଉଛି । ଦେଶର ବିଭିନ୍ନ ସହରରେ ବିଭିନ୍ନ ସମୟରେ ନମାଜ ପାଠ କରାଯାଉଛି । ତଥାପି, ମସଜିଦ ଏବଂ ଇଦଗାହରେ ଇଦ ନମାଜ ପାଇଁ ସମୟ ପୂର୍ବରୁ ସ୍ଥିର କରାଯାଇଛି । ଇଦ ନମାଜ ପାଇଁ ସାରା ଦେଶରେ ସୁରକ୍ଷା ବ୍ୟବସ୍ଥା ମଧ କଡ଼ା କରାଯାଇଛି । ଯେକୌଣସି ଅଘଟଣକୁ ଏଡାଇବା ପାଇଁ ଅନେକ ସମ୍ବେଦନଶୀଳ ଅଂଚଳରେ ସୁରକ୍ଷା ବାହିନୀ ମୁତୟନ କରାଯାଇଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧମରେ ଦେଶବାସୀଙ୍କୁ ଇଦ-ଉଲ-ଫିତରର ଶୁଭେଚ୍ଛା ଜଣାଇଛନ୍ତି । ତାଙ୍କ ବାର୍ତାରେ ସେ କହିଛନ୍ତି, "ଇଦ-ଉଲ-ଫିତରର ଶୁଭେଚ୍ଛା । ଏହି ଦିନଟି ସମଗ୍ର ଅଂଚଳରେ ଭାଇଚାରା ଏବଂ ଦୟାକୁ ଆହୁରି ବୃଦ୍ଧି କରୁ । ସମସ୍ତେ ଖୁସି ଏବଂ ସୁସ୍ଥ ରୁହନ୍ତୁ । ଇଦ ମୁବାରକ!" ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ ଶୁକ୍ରବାର ପର୍ବର ପୂର୍ବ ସନ୍ଧ୍ୟାରେ ନାଗରିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ମହାମହିମ କହିଛନ୍ତି, "ଇଦ୍-ଉଲ୍-ଫିତରର ପବିତ୍ର ଅବସରରେ, ମୁଁ ସମସ୍ତ ସହବାସୀ ନାଗରିକଙ୍କୁ, ବିଶେଷକରି ଭାରତ ଏବଂ ବିଦେଶରେ ରହୁଥିବା ମୁସଲିମ୍ ଭଉଣୀ ଏବଂ ଭାଇମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଉଛି," ଏବଂ ଆହୁରି ମଧ କହିଛନ୍ତି ଯେ ଏହି ପର୍ବ "ପ୍ରେମ, ଭାଇଚାରା, ଶାନ୍ତି ଏବଂ ପାରସ୍ପରିକ ସମନ୍ୱୟର ବାର୍ତା ପ୍ରଦାନ କରିଛି ।" ଶାୱାଲ୍ ଅର୍ଦ୍ଧଚନ୍ଦ୍ର ଦେଖାଯିବା ପରେ ସାରା ଦେଶରେ ଇଦ୍-ଉଲ୍-ଫିତର ପାଳନ କରାଯାଉଛି । ଏହି ପର୍ବ ମୁସଲିମ୍ କ୍ୟାଲେଣ୍ଡରର ନବମ ମାସ ରମଜାନର ଶେଷକୁ ଚିହ୍ନିତ କରେ । ଦିଲ୍ଲୀରେ, ଶନିବାର ସକାଳେ ଜାମା ମସଜିଦରେ ଅନେକ ଶ୍ରଦ୍ଧାଳୁ ସ୍ୱତନ୍ତ୍ର ଇଦ୍ ନମାଜ ପାଠ କରିବା ପାଇଁ ଏକାଠି ହୋଇଥିଲେ । ଲୋକମାନେ ପରସ୍ପରକୁ ଶୁଭେଚ୍ଛା ଜଣାଇବା ଏବଂ ଉତ୍ସବ ଆରମ୍ଭ କରିବା ସମୟରେ ପରିବେଶ ଜୀବନ୍ତ ଥିଲା । ଶୁକ୍ରବାର ମଧ, ଜାମା ମସଜିଦ ଏବଂ ନିକଟସ୍ଥ ବଜାରରେ ଲୋକମାନେ ଇଦ୍ ପୂର୍ବରୁ ଶେଷ କ୍ରୟ କରିବା ସମୟରେ ବିଶାଳ ଭିଡ଼ ଦେଖିବାକୁ ମିଳିଥିଲା ।

## ୨୪ତମ ଜାତୀୟ ପାରା ଆଥଲେଟିକ୍ ଚାମ୍ପିୟାନମାନଙ୍କୁ ପୁରସ୍କୃତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ୨୪ ତମ ଜାତୀୟ ପାରା ଆଥଲେଟିକ୍ ଚାମ୍ପିୟାନସିପ ଆଜି ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମ ଠାରେ ଉଦଯାପିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସମସ୍ତ ବିଜେତା ଆଥଲେଟ ମାନଙ୍କୁ ପୁରସ୍କୃତ କରିବା ସହିତ ଆଗାମୀ ସମୟରେ ସମସ୍ତ ଖେଳରେ ନିଜର ପରିଶ୍ରମ ଅବ୍ୟାହତ ରଖିବାପାଇଁ ପରାମର୍ଶ ଦେଇଥିଲେ । ହାର ଜିତ ତ ସବୁ ଖେଳାଳୀ ଜୀବନରେ ଆସିଥାଏ, କିନ୍ତୁ ପ୍ରକୃତ ଜୀବନର ସଂଘର୍ଷକୁ ଜିତିଯାଇଥିବା ବିଜେତା ହେଉଛନ୍ତି ଆପଣମାନେ । କାରଣ ଆପଣ ମାନେ ନିଜର ଦୁର୍ବଳତାକୁ ନିଜର ଶକ୍ତି କରିଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସମସ୍ତ ଖେଳାଳିଙ୍କୁ ସମ୍ବୋଧନ କରି କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ଆଥଲେଟ ମାନଙ୍କୁ ଆଗାମୀ ଏସିଆନ ପାରା ଗେମ୍ସ ରେ ଦେଶ ପାଇଁ ଗୌରବ ଆଣିବାକୁ କହିଥିଲେ ଏବଂ ଏହି ଅବସରରେ ଓଡିଶା କ୍[ଜେ[ର ୪୦ଜଣ ଆଥଲେଟଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅଭିନନ୍ଦନ ଜଣାଇଥିଲେ । ନିଜ ଅଭିଭାଷଣରେ ଅଲିମ୍ପିକ ପଦକ ବିଜେତା ପ୍ରମୋଦ ଭଗତ ଓ ଭି. ରମେଶ ରାଓଙ୍କ ପରି କ୍ରୀଡାବିତଙ୍କ ପଥ ଅନୁସରଣ କରି ଉତ୍କର୍ଷ ହାସଲ କରିବା ପାଇଁ ଉଦ୍ୟମ ଜାରି ରଖନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କ୍ରୀଡ଼ାବିତ ମାନଙ୍କୁ କହିଥିଲେ । ସେ ଆହୁରି କହିଥିଲେ ଯେ ସଫଳତା ଆପଣମାନଙ୍କୁ ଅପେକ୍ଷା କରି ରହିଛି । ଆପଣଙ୍କୁ କେହି ଅଟକେଇ ପାରିବେ ନାହିଁ । ଆଜି ଯେଉଁ ଓଡିଆ ଆଥଲେଟମାନେ ସଫଳତା ହାସଲ କରିଛନ୍ତି, ମେଡାଲ ପାଇଛନ୍ତି, ସେମାନେ ତାଙ୍କର ଉଦ୍ୟମ ଜାରି ରଖନ୍ତୁ, ବିଶ୍ୱସ୍ତରରେ ନିଜର ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରନ୍ତୁ । ବିଶ୍ୱରେ ଓଡିଶାର ପ୍ରତିଭାକୁ ନୂଆ ପରିଚୟ ଦିଅନ୍ତୁ ବୋଲି ସେ ପରାମର୍ଶ ଦେଇ କହିଥିଲେ ।

## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟିରୁ ଊର୍ଦ୍ଧ୍ୱ ବଜେଟ୍ ଆଗତ କଲେ ମନ୍ତ୍ରୀ




ଭୁବନେଶ୍ୱର : ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିମନ୍ତେ ୨୦୨୬–୨୭ ଆର୍ଥିକ ବର୍ଷ ପାଇଁ ଆଜି ଖର୍ଚ୍ଚ ଦାବି ଆଲୋଚନା ବିଧାନସଭାରେ ଗୃହିତ ହୋଇଛି । ୩୧ ହଜାର ୯୯୭ କୋଟି ୨୩ ଲକ୍ଷ ୨୦ ହଜାର ଟଙ୍କାର ବିଶାଳ ବଜେଟ୍ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିମନ୍ତେ ଉପସ୍ଥାପିତ କରାଯାଇଥିଲା । ଏହି ବଜେଟ୍‌ରେ ପ୍ରଶାସନିକ ବ୍ୟୟ ପାଇଁ ୧୬,୧୪୭ କୋଟିରୁ ଅଧିକ ଏବଂ କାର୍ଯ୍ୟକ୍ରମ ବ୍ୟୟ ପାଇଁ ୧୫,୮୪୯ କୋଟିରୁ ଅଧିକ ରହିଛି । ଏହି ସମୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଶିକ୍ଷାର ଗୁଣାତ୍ମକ ଉନ୍ନତି ଓ ଭିତିଭୂମି ମଜବୁତ କରିବା ସରକାରଙ୍କ ପ୍ରାଥମିକତା ବୋଲି ମତ ପ୍ରକାଶ କରିଛନ୍ତି । ବଜେଟ୍‌ରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ପାଇଁ ୧୦୧୦ କୋଟି, ସମଗ୍ର ଶିକ୍ଷା ପାଇଁ ୧୧୩୧ କୋଟି ୨୨ ଲକ୍ଷ ୬୨ ହଜାର, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ପାଇଁ ୭୦୯ କୋଟି ୧୦ ଲକ୍ଷ ୪୯ ହଜାର ଏବଂ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ପାଇଁ ୭୩୧ କୋଟି ୨୨ ଲକ୍ଷ ୫୫ ହଜାର ଅର୍ଥ ବରାଦ ହୋଇଛି । ଏହାସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୧୨୨୩ କୋଟି ୯୮ ଲକ୍ଷ ୩୫ ହଜାର ଓ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ସାଇକେଲ, ପରିଧାନ ଓ ପାଠ୍ୟପୁସ୍ତକ ବଂଟନ ପାଇଁ ମଧ ଅର୍ଥ ବ୍ୟବସ୍ଥା କରାଯାଇଛି । ଭିତିଭୂମି ଉନ୍ନତି ପାଇଁ ୯୩୦ କୋଟିରୁ ଅଧିକ ଅର୍ଥ ବରାଦ କରାଯାଇଥିବାବେଳେ ଏଥିରେ ନୂତନ ଶ୍ରେଣୀଗୃହ, ଶୌଚାଳୟ, ବିଦ୍ୟାଳୟ ମରାମତି ଓ ଅନ୍ୟାନ୍ୟ ସୁବିଧା ଅନ୍ତର୍ଭୁକ୍ତ ଅଛି । ଗୁଣାତ୍ମକ ଶିକ୍ଷା ପାଇଁ ସରକାର ଶିକ୍ଷକ ନିଯୁକ୍ତିକୁ ତ୍ୱରାନ୍ୱିତ କରିଛନ୍ତି । ଏପର୍ଯ୍ୟନ୍ତ ୨୨,୫୦୨ ଜଣ ଶିକ୍ଷକ ନିଯୁକ୍ତ ହୋଇଥିବାବେଳେ ଚଳିତ ବର୍ଷ ଆଉ ୨୦,୦୦୦ ପଦବୀ ପୂରଣ ପାଇଁ ଯୋଜନା ରହିଛି । ନବମ ଓ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ (ଝରଘଷ୍ଟ ଇକ୍ଟକ୍ଟଳ) ଯୋଗାଇ ଦେବା ପାଇଁ ସରକାରଙ୍କ ନିଷ୍ପତି କ୍ରମେ, ୨୦୨୬ -୨୭ ଆର୍ଥିକ ବର୍ଷ ପାଇଁ ୫୧ କୋଟି ଟଙ୍କା ଅର୍ଥ ରାଶିର ବ୍ୟୟ ବରାଦ କରାଯାଇଛି । ଏହା ଦ୍ୱାରା ରାଜ୍ୟର ନବମ ଓ ଦଶମ ଶ୍ରେଣୀର ଅଧୟନ କରୁଥିବା ସମସ୍ତ ଛାତ୍ରଛାତ୍ରୀ ଉପକୃତ ହେବେ । ଏହାସହ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ଅଧୀନରେ ରାଜ୍ୟର ୧୧ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପୋଷଣ ସହାୟତା ଯୋଗାଇ ଦିଆଯାଉଛି । ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁସାରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବା ମଧ ମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ମନ୍ତ୍ରୀ ଏହା ମଧ ଉଲ୍ଲେଖ କରିଛନ୍ତି ଯେ ଏହି ବଜେଟ୍ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ଏବଂ ଛାତ୍ରଛାତ୍ରୀଙ୍କ ସମଗ୍ର ଉନ୍ନତିରେ ସହାୟକ ହେବ ।

## ପଶ୍ଚିମ ଏସିଆର ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ସମ୍ପର୍କରେ ସଦ୍ୟତମ ସୂଚନା

ନୂଆଦିଲ୍ଲୀ : ପଶ୍ଚିମଏସିଆରେ ଦେଖାଦେଇଥିବା ଘଟଣାକ୍ରମର ମୁକାବିଲା ଲାଗି କେନ୍ଦ୍ରସରକାର ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି । ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ପରିପ୍ରେକ୍ଷୀରେ, ସାରା ଦେଶରେ ପେଟ୍ରୋଲିୟମ୍ ଉତ୍ପାଦ ଏବଂ ଏଲପିଜିର ସ୍ଥିର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଇଛି । ବର୍ତମାନର ସ୍ଥିତି ନିମ୍ନରେ ଦିଆଗଲା : ସମସ୍ତ ବିଶୋଧନାଗାର ଉଚ୍ଚ କ୍ଷମତାରେ କାର୍ଯ୍ୟ କରୁଛି, ପର୍ଯ୍ୟାପ୍ତ ଅଶୋଧିତ ତୈଳ ସଂଗ୍ରହାଳୟ ଉପଲବ୍ଧ ଅଛି । ଦେଶରେ ପେଟ୍ରୋଲ ଏବଂ ଡିଜେଲର ପର୍ଯ୍ୟାପ୍ତ ଷ୍ଟକ୍ ମଧ ରହିଛି । ବିଶୋଧନାଗାର ରୁ ଘରୋଇ ଏଲପିଜି ଉତ୍ପାଦନ ବୃଦ୍ଧି ପାଇଛି । ତୈଳ ବିପଣନ କମ୍ପାନୀଗୁଡ଼ିକ ଦ୍ୱାରା କୌଣସି ଆରଓରେ ଇନ୍ଧନ ଅଭାବହେବାର କୌଣସି ମାମଲା ରିପୋର୍ଟ କରାଯାଇନାହିଁ । ଲୋକମାନେଆତଙ୍କିତ କ୍ରୟ ନ କରନ୍ତୁ, କାରଣ ପର୍ଯ୍ୟାପ୍ତ ପେଟ୍ରୋଲ ଏବଂ ଡିଜେଲର ଷ୍ଟକ୍ ଉପଲବ୍ଧ ରହିଛିଏବଂ ଯୋଗାଣ ନିୟମିତ ଭାବରେ ରଖାଯାଉଛି ବୋଲି ସରକାରପୁଣିଦୋହରାଇଛନ୍ତି । ଡି-ପିଏନଜି ଏବଂ ସିଏନଜି-ପରିବହନକୁ ୧୦୦% ଯୋଗାଣ ସମେତ ପ୍ରାଥମିକତା କ୍ଷେତ୍ରଗୁଡ଼ିକୁ ଯୋଗାଣ ପାଇଁସେଗୁଡ଼ିକୁ ସୁରକ୍ଷିତ ରଖାଯାଇଛି । ଗ୍ରୀଡ୍ ସହିତ ସଂଯୁକ୍ତ ଶିଳ୍ପ ଏବଂ ବାଣିଜ୍ୟିକ ଗ୍ରାହକମାନଙ୍କୁ ଯୋଗାଣ ସେମାନଙ୍କ ହାରାହାରି ବ୍ୟବହାରର ୮୦% ଅଟେ । ବାଣିଜ୍ୟିକ ଏଲପିଜିର ଉପଲବ୍ଧତା ସମ୍ବନ୍ଧୀୟ ଚିନ୍ତାକୁ ଦୂର କରିବା ପାଇଁ ରେସ୍ତୋରାଁ, ହୋଟେଲ ଏବଂ କ୍ୟାଂଟିନ୍ ଭଳି ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ସଂଯୋଗକୁ ପ୍ରାଥମିକତା ଦେବାକୁଭାରତ ସରକାରଙ୍କ ଦ୍ୱାରା ସହର ଗ୍ୟାସ ବଂଟନ (ସିଜିଡି) ସଂସ୍ଥାଗୁଡ଼ିକୁ ମଧ ପରାମର୍ଶ ଦିଆଯାଇଛି । ଆଜିଏଲ,ଏମଜିଏଲ, ଗେଲ୍ଗ୍ୟାସ୍ ଏବଂ ବିପିସିଏଲ ଭଳି ସିଜିଡିକମ୍ପାନୀଗୁଡ଼ିକ ଘରୋଇ ଏବଂ ବାଣିଜ୍ୟିକ ପିଏନଜିସଂଯୋଗ ନେବା ପାଇଁ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି । ସିଜିଡିସଂସ୍ଥାଗୁଡ଼ିକୁ ପିଏନଜିଆରବିଦ୍ୱାରା ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନେ ଆବେଦନ ଦାଖଲ ଏବଂ ଗ୍ରାହକ ପରିବାରକୁ ଗ୍ୟାସ୍ ଯୋଗାଣ ଆରମ୍ଭ ମଧରେ ସମୟସୀମା କମ କରନ୍ତୁ । ଭାରତ ସରକାର ୧୬ ମାର୍ଚ୍ଚରେ ପତ୍ର ମାଧମରେ ସିଜିଡିନେଟୱାର୍କ ସମ୍ପ୍ରସାରଣ ପାଇଁ ଆବଶ୍ୟକୀୟ ଆବେଦନଗୁଡ଼ିକର ଅନୁମୋଦନ ତ୍ୱରାନ୍ୱିତ କରିବାକୁ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ଅନୁରୋଧ କରିଛନ୍ତି । ଭାରତ ସରକାର ୧୮ ମାର୍ଚ୍ଚରେ ପତ୍ର ମାଧମରେ ସମସ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ଏଲପିଜିରୁପିଏନଜି ଦୀର୍ଘକାଳୀନ ପରିବର୍ତନରେ ସାହାଯ୍ୟ କରିପାରିବେ, ତେଣୁ ରାଜ୍ୟଗୁଡ଼ିକୁ ବାଣିଜ୍ୟିକଏଲପିଜିରଅତିରିକ୍ତ ୧୦% ଆବଂଟନ ପ୍ରଦାନ କରିଛନ୍ତି । ଏହା ବ୍ୟତୀତ, ଭାରତ ସରକାର ମାର୍ଚ୍ଚ ୧୯ ତାରିଖରେ ପତ୍ର ମାଧମରେ ସମସ୍ତ ସମ୍ପୃକ୍ତ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟକୁ ନିମ୍ନକେତେକଅନୁରୋଧ କରିଛନ୍ତି- ସିଜିଡିଭିତିଭୂମି ସହିତ ଜଡିତ ସମସ୍ତ ବିଚାରାଧୀନ ଏବଂ ନୂତନ ଅନୁମତିଗୁଡ଼ିକର ତୁରନ୍ତ ଦ୍ରୁତ ଟ୍ରାକିଂ ଏବଂ ନିଷ୍କାସନ ପାଇଁ ସମ୍ପୃକ୍ତ ବିଭାଗ/ସଂସ୍ଥାଗୁଡ଼ିକୁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିବା । ଭବିଷ୍ୟତରେ ସିଜିଡିସମ୍ବନ୍ଧୀୟ ଅନୁମତି ଅନୁରୋଧଗୁଡ଼ିକୁ ପ୍ରକ୍ରିୟାକରଣ କରିବା ପାଇଁ ଏକ ସୁଗମ ବ୍ୟବସ୍ଥାଏବଂ ସମୟସୀମା ମଧ ଧାର୍ଯ୍ୟ କରାଯାଇପାରେ ।

## ବିକାଶ ଓ ଭାରତୀୟ ଜ୍ଞାନପ୍ରଣାଳୀ ଉପରେ ପୁନର୍ବିଚାର ସମ୍ମିଳନୀକୁ ସମ୍ବୋଧିତ କଲେ ଏଡିଜି ଅଖିଳ କୁମାର ମିଶ୍ର

ଭୁବନେଶ୍ୱର : ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ ଉପଲକ୍ଷେ ''ବିକାଶ ଓ ଭାରତୀୟ ଜ୍ଞାନପ୍ରଣାଳୀ ଉପରେ ପୁନର୍ବିଚାର : ଏକ ସମାଜ ଶାସ୍ତ୍ରୀୟ ପ୍ରତିଫଳନ'' ଶୀର୍ଷକ ଅର୍ନ୍ତଜାତୀୟ ସମ୍ମିଳନୀର ଦ୍ୱିତୀୟ ଦିନରେ ପ୍ରଥମ ପ୍ଲେନାରୀ ଅଧିବେଶନ 'ବିକାଶ, ସ୍ଥାନ ପରିବର୍ତନ ଏବଂ ପ୍ରତିଯୋଗିତା' ଉପରେ ଥିଲା । ପ୍ୟାନେଲ ସଦସ୍ୟ ଥିବା ପି.ଆଇ.ବି. ଏବଂ ସି.ବି.ସି. ର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ଏକବିଂଶ ଶତାବ୍ଦୀରେ ଗଣମାଧମ ଏବଂ ବିକାଶର ଭୂମିକା ଉପରେ ଆଲୋକପାତ କରିଥିଲେ । ଏହାର ଅଧକ୍ଷତା କରିଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ବାଲଗୋବିନ୍ଦ ବାବୁ । ଡ. ବୀରେନ୍ଦ୍ର ସୁନା ଓଡ଼ିଶାରେ ସ୍ୱଦେଶୀ ନୈତିକତା, ସାମୂହିକ ଲକ୍ଷ୍ୟ ଏବଂ ତୃଣମୂଳ ଶାସନ




ବିଷୟ ଉପରେ ଆଲୋକପାତ କରିଥିଲେ । ଡକ୍ଟର ସୀମା ମଲ୍ଲିକ, ଡକ୍ଟର ସ୍ୱପ୍ନପ୍ରଭୁ, ଡକ୍ଟର ଧୀରଜ କୁମାର, ଡକ୍ଟର ସୁଭାସିସ ସାହୁ ଏବଂ ଡକ୍ଟର ଧନଞ୍ଜୟ କୁମାର ଭାରତରେ ସ୍ୱଦେଶୀ ଜ୍ଞାନର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ଦ୍ୱିତୀୟ ପ୍ଲେନାରୀ ଅଧିବେଶନ 'ପରିବେଶ, ପରିବେଶ ବିଜ୍ଞାନ ଏବଂ ଭାରତୀୟ ଜ୍ଞାନ ପ୍ରଣାଳୀ' ଉପରେ ଥିଲା । ଏହାର ଅଧକ୍ଷତା କରିଥିଲେ ଆଇଆଇଟି କାନପୁରର ପୂର୍ବତନ ପ୍ରଫେସର ବିନୟ ପଟ୍ଟନାୟକ ଏବଂ ଏଥିରେ ଛଅ ଜଣ ପ୍ୟାନେଲିସ୍ଟ ସାମିଲ ଥିଲେ । ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ନାଗରାଜୁ ଗୁଣ୍ଡିମେଡା, ଶ୍ରୀଲଙ୍କା ବିଶ୍ୱବିଦ୍ୟାଳୟର ସାମାଜିକ ବିଜ୍ଞାନ ବିଭାଗର ଡକ୍ଟର ଉପୁଲ ଲେକାମଗେ, ଆମେରିକାର ୱାର୍ଲ୍ଡ ଏକାଡେମୀ ଅଫ୍ ଆର୍ଟସ ଆଣ୍ଡ ସାଇନ୍ସର ପ୍ରଫେସର ଥୋମାସ୍ ରୟଟର, ଆମେରିକାର ସାନ୍ତାକ୍ରୁଜ ସ୍ଥିତ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ ଏବଂ ଦକ୍ଷିଣ ଆଫ୍ରିକାର କ୍ୱାଜୁଲୁ-ନାଟାଲ ବିଶ୍ୱବିଦ୍ୟାଳୟର ଜୟନାଥନ ଗୋଭେଣ୍ଡର ପ୍ରମୁଖ ଭର୍ଚୁଆଲ ମାଧମରେ ଏହି ପୂର୍ଣ୍ଣାଙ୍ଗ ଆଲୋଚନାରେ ଯୋଗ ଦେଇଥିଲେ ।

## ଟିମ୍ ଇଣ୍ଡିଆର ଆୟର୍ଲାଣ୍ଡ ଗସ୍ତ କାର୍ଯ୍ୟସୂଚୀ ଘୋଷିତ



ନୂଆଦିଲ୍ଲୀ: ଚଳିତ ବର୍ଷ ଜୁନରେ ଭାରତୀୟ କ୍ରିକେଟ ଟିମ ଆୟର୍ଲାଣ୍ଡ ଗସ୍ତରେ ଯିବ । ଏଠାରେ ୨ ଦେଶ ମଧରେ ୨ଟି ଟି୨୦ ମ୍ୟାଚ ଖେଳାଯିବ । ଶନିବାର ବିସିସିଆଇ ଏହି ସିରିଜର କାର୍ଯ୍ୟସୂଚୀ ଘୋଷିତ କରିଛି । ବିଶ୍ୱକପ ଜିତିବା ପରେ ଭାରତୀୟ ଟିମର ଏହା ପ୍ରଥମ ଟି୨୦ ସିରିଜ ହେବ । ଜୁନ ୨୬ ଓ ୨୮ରେ ଏହି ୨ଟି ମ୍ୟାଚ ଖେଳାଯିବ । ଟିମ ଇଣ୍ଡିଆ ଏହା ପୂର୍ବରୁ ୩ ଥର ଆୟର୍ଲାଣ୍ଡ ଗସ୍ତରେ ଯାଇଛି । ଭାରତ ବ୍ୟତୀତ ନ୍ୟୁଜିଲାଣ୍ଡ ଓ ଆଫଗାନିସ୍ତାନ ବିପକ୍ଷରେ ଆୟର୍ଲାଣ୍ଡ ସିରିଜ ଖେଳିବ । ୨୦୧୮ ଓ ୨୦୨୨ରେ ଭାରତ ୨-୦ରେ ସିରିଜ କ୍ଲିନ ସୁଇପ କରିଛି । ୨୦୨୩ରେ ଭାରତ ୩ ମ୍ୟାଚ ବିଶିଷ୍ଟ ମୁକାବିଲାରେ ୨-୦ରେ ବିଜୟ ହାସଲ କରିଥିଲା । ଆଇପିଏଲ ପରେ ଭାରତୀୟ ଟିମ ଜୁନରେ ଆଫଗାନିସ୍ତାନ ବିପକ୍ଷରେ ସିରିଜ ଖେଳିବ । ୬ଜୁନରୁ ଏକମାତ୍ର ଟେଷ୍ଟ ମ୍ୟାଚ ଖେଳାଯିବ । ଜୁନ ୧୪ରୁ ଧର୍ମଶାଳାରେ ଦିନିକିଆ ସିରିଜର ପ୍ରଥମ ମ୍ୟାଚ ଖେଳାଯିବ । ୧୭ ଓ ୨୦ରେ ଲକ୍ଷ୍ନୌ ଏବଂ ଚେନ୍ନାଇରେ ବାକି ୨ଟି ମ୍ୟାଚ ଆୟୋଜିତ ହେବ । ଭାରତୀୟ ଟିମ ଇଂଲଣ୍ଡ ବିପକ୍ଷରେ ୮ଟି ସୀମିତ ଓଭର ବିଶିଷ୍ଟ ମୁକାବିଲା ଖେଳିବ ।

## ଆଇପିଏଲ : ଏଥର ସବୁ ଟିମ୍‌ର ନେତୃତ୍ୱ ନେବେ ଭାରତୀୟ



ନୂଆଦିଲ୍ଲୀ : ଆଇପିଏଲ ୨୦୨୬ ସଂସ୍କରଣ ପାଇଁ ପ୍ରଶଂସକ, ଫ୍ରାଂଚାଇଜ ଓ ଖେଳାଳିମାନେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇ ସାରିଛନ୍ତି । ଏଥର ୧୦ଟି ଯାକ ଟିମର ନେତୃତ୍ୱ ସମସ୍ତ ଭାରତୀୟ ଖେଳାଳି ନେବେ । ରିତୁରାଜ ଗାଏକ୍ୱାଡ(ଚେନ୍ନାଇ ସୁପର କିଙ୍ଗସ), ରାଜସ୍ଥାନ ରୟାଲ୍ସ(ରିୟାନ ପରାଗ), ଅକ୍ଷର ପଟେଲ(ଦିଲ୍ଲୀ କ୍ୟାପିଟାଲ୍ସ), ଶୁଭମନ ଗିଲ( ଗୁଜରାଟ ଟାଇଟାନ୍ସ), ଅଜିଙ୍କ୍ୟ ରାହାନେ(କୋଲକାତା ନାଇଟ ରାଇଡର୍ସ), ହାର୍ଦ୍ଦିକ ପାଣ୍ଡ୍ୟା(ମୁମ୍ବାଇ ଇଣ୍ଡିଆନ୍ସ), ରଜତ ପାଟୀଦାର (ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁର), ଈଶାନ କିଶାନ( ସନରାଇଜର୍ସ ହାଇଦ୍ରାବାଦ), ଶ୍ରେୟାଶ ଆୟାର(ପଞ୍ଜାବ କିଙ୍ଗସ) ଓ ରିଷଭ ପନ୍ତ ଲକ୍ଷ୍ନୌ ସୁପର ଜ୍ୟାଂଟସର ନେତୃତ୍ୱ ନେଉଛନ୍ତି । ଈଶାନ ପ୍ରଥମ ଥର ପାଇଁ ଆଇପିଏଲରେ ନେତୃତ୍ୱ ନେବେ । ଶ୍ରେୟାଶ, ରଜତ ଓ ହାର୍ଦ୍ଦିକଙ୍କ ନେତୃତ୍ୱରେ ଦଳ ଟାଇଟଲ ହାସଲ କରିଛି । ଆଇପିଏଲ ଇତିହାସରେ ମହେନ୍ଦ୍ର ସିଂ ଧୋନୀ ଓ ମୁମ୍ବାଇ ଇଣ୍ଡିଆନ୍ସ ସବୁଠାରୁ ସଫଳ ଅଧିନାୟକ ଭାବେ ପରିଗଣିତ ହୁଅନ୍ତି । ସେମାନଙ୍କ ନେତୃତ୍ୱରେ ଚେନ୍ନାଇ ଓ ମୁମ୍ବାଇ ୫ ଥର ଲେଖାଏଁ ଟାଇଟଲ ହାସଲ କରିଛନ୍ତି ।

## ଆଇପିଏଲ୍ ୨୦୨୬ ପରେ ଆକ୍ସନରେ ଆସିବ ଟିମ୍ ଇଣ୍ଡିଆ, ନୂଆ ସିରିଜ୍‌ର ସିଡ୍ୟୁଲ୍ ଜାରି

ନୂଆଦିଲ୍ଲୀ : ଇଣ୍ଡିଆନ ପ୍ରିମିୟର ଲିଗର ୧୯ତମ ସିଜନର ଅପେକ୍ଷା ଶେଷ ହେବାକୁ ଅଛି । ଯାହାର ଆରମ୍ଭ ୨୮ମାର୍ଚ୍ଚରୁ ହେବ । ପ୍ରଥମ ମ୍ୟାଚ୍ ଗତଥରର ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଉପରେ ସମସ୍ତଙ୍କ ନଜର ରହିବ । କିନ୍ତୁ ଆଇପିଏଲର ଆରମ୍ଭ ହେବା ପୂର୍ବରୁ ଭାରତୀୟ କ୍ରିକେଟ ଟିମ୍ ଚର୍ଚ୍ଚାରେ ଆସିଯାଇଛି । କାରଣ ବିସିସିଆଇ ନୂଆ ସିରିଜର ସିଡ୍ୟୁଲ ଜାରି କରି ଦେଇଛି । ଟିମ୍ ଇଣ୍ଡିଆକୁ ଆୟାରଲ୍ୟାଣ୍ଡ ସହ ୨ମ୍ୟାଚର ଟି-୨୦ ସିରିଜ ଖେଳିବାକୁ ଅଛି । ଆଇପିଏଲ୍ ପରେ ଟିମ୍ ଇଣ୍ଡିଆ ଲଗାତର ଭାବେ ଆକ୍ସନରେ ଦେଖାଯିବ । କାରଣ ତାକୁ ଆଫଗାନିସ୍ତାନ, ଏହାପରେ ଆୟାରଲ୍ୟାଣ୍ଡ ଏବଂ ପରେ ଇଂଲଣ୍ଡ ବିପକ୍ଷ ସିରିଜ ଖେଳିବାକୁ ହେବ । ଏହା ୩ବର୍ଷ ପରେ ହେବ ଯେତେବେଳେ ଟିମ୍ ଇଣ୍ଡିଆ ଆୟାରଲ୍ୟାଣ୍ଡ ଗସ୍ତରେ ଯିବ । ଏହା ପୂର୍ବରୁ ଭାରତୀୟ ଟିମ୍ ୨୦୧୮, ୨୦୨୨ ଏବଂ ୨୦୨୩ରେ ଆୟାରଲ୍ୟାଣ୍ଡ ଟୁରରେ ଯାଇସାରିଛି । ଏକ ଟେଷ୍ଟ ଏବଂ ତିନି ୱାନଡେ ମ୍ୟାଚର ସିରିଜ ଖେଳିବାରେ ଅଛି । ଏହି ୩



୨ ଟି-୨୦ ମ୍ୟାଚ ସିରିଜର ଆରମ୍ଭ ୨୬ଜୁନରୁ ହେବ ଏବଂ ଦ୍ୱିତୀୟ ଟି-୨୦ ମ୍ୟାଚ୍ ୨୮ଜୁନରେ ହେବ । ଏହି ଦୁଇ ମ୍ୟାଚ୍ ବେଲଫାଷ୍ଟରେ ଖେଳାଯିବ । ରୋହିତ ଶର୍ମା ଏବଂ ବିରାଟ କୋହଲୀ ଟି-୨୦ ଫର୍ମାଟରୁ ସନ୍ନ୍ୟାସ ନେଇ ସାରିଛନ୍ତି । ଏଥିଲାଗି ସେ ଆୟାରଲ୍ୟାଣ୍ଡ ବିପକ୍ଷ ସିରିଜରେ ଖେଳିବେ ନାହିଁ । କିନ୍ତୁ ଏହା ପୂର୍ବରୁ ଭାରତୀୟ ଟିମର ଆଫଗାନିସ୍ତାନ ସହ ୱାନଡେ ମ୍ୟାଚରେ ରୋହିତ ଏବଂ ବିରାଟ କୋହଲୀ ଖେଳୁଥିବା ଦେଖାଯାଇପାରନ୍ତି । ଭାରତ ବନାମ ଆଫଗାନିସ୍ତାନ ସିରିଜ ୬ଜୁନ-୨୦ଜୁନ ପର୍ଯ୍ୟନ୍ତ ଚାଲିବ । ସେହିଭଳି ଆୟରଲ୍ୟାଣ୍ଡ ସିରିଜ ପରେ ଟିମ୍ ଇଣ୍ଡିଆ ଇଂଲଣ୍ଡ ପଳାଇଯିବ । ଇଂଲଣ୍ଡ ଟୁର୍ ପରେ ଟିମ୍ ଇଣ୍ଡିଆ ୫ ଟି-୨୦ ଏବଂ ୩ ୱାନଡେ ମ୍ୟାଚ୍ ଖେଳିବ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି

BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**